## ସଂକ୍ଷେପରେ

### ଶିଶୁଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

**ଭଦ୍ରକ ଅଫିସ, ୯।୧୨:** ଭଦ୍ରକ ଜିଲା ଶିଶୁ ମଙ୍ଗଳ ସମିତିର ଏକ ସ୍ୱତନ୍ତ୍ର ଟିମ୍ ସହରର ଅପର୍ତ୍ତିବିନ୍ଧାସ୍ଥିତ ଶ୍ରୀସତ୍ୟସାଇ ବିଦ୍ୟାବିହାରରେ ପହଞ୍ଚି ଶିଶୁଙ୍କ ଯତ୍ନ ଓ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ସଭ୍ୟ ସତ୍ୟସୁନ୍ଦର ପୁହାଣ, ସଙ୍ଗୀତା ଗିରି ଓ ପ୍ରଦୀପ୍ତ କୁମାର କର ବିଦ୍ୟାବିହାର ପରିଦର୍ଶନ କରି ଶିଶୁଙ୍କ ଯତ୍ନ ଓ ସୁରକ୍ଷାକୁ ନେଇ ବିଦ୍ୟାଳୟରେ ଉପଲବ୍ଧ ଥିବା ବ୍ୟବସ୍ଥା ସମ୍ପର୍କରେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ସ୍କୁଲର ସିସିଟିଭି ଫୁଟେଜ୍, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶିଶୁମାନଙ୍କ ବସ୍ତାନିର ଓଜନ ଓ ସ୍ୱଚ୍ଛ ଶୌଚାଳୟ ଉପରେ ଗୁରୁତ୍ୱ ଦେଇଥିଲେ। ଏତଦ୍‌ବ୍ୟତୀତ ସେମାନେ ପିଲାମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଚାଇଲ୍ଡ ଲାଇନ(୧୦୯୮), ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟେଲିଫୋନ ନମ୍ବର ସ୍କୁଲ କାନ୍ଥରେ ଲେଖିବା ଓ ନୂତନ ଭାବେ ଲାଗୁ କରାଯାଇଥିବା ଶିଶୁ ସୁରକ୍ଷା ଉପରେ ଆଧାରିତ ଶପଥ ବୋର୍ଡ ସ୍କୁଲରେ ଲଗାଇବାକୁ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ. ବାରିକ ସ୍କୁଲ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ବ୍ଲକସ୍ତରୀୟ ଜନଶୁଣାଣି

**ଧାମନଗର, ୯।୧୨ (ଡି.ଏନ.ଏ.):** ଧାମନଗର ବ୍ଲକସ୍ତରୀୟ ଜନଶୁଣାଣି ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ୨୬ଟି ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ଅଧିକାଂଶ ଅଭିଯୋଗର ସମାଧାନ କରାଯାଇଥିଲା। ମୁସ୍ତାଫାପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ସୋମବାର ପଞ୍ଚାୟତବାସୀ ପୁନର୍ବାର ଦୁର୍ନୀତିର ଖୁଲାସା ପାଇଁ ଦାବି କରିଥିଲେ। ଏକ କମିଟି ଜରିଆରେ ତଦନ୍ତ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଏସ୍‌ପି ରାଜେଶ ପଣ୍ଡିତ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ସିଡିଏମ୍‌ଓ ଜଗନ୍ନାଥ ପୋହି, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଅତିରିକ୍ତ ତହସିଲଦାର ଅଭିଲିପ୍ସା ପଟ୍ଟନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯତିନ୍ଦ୍ର ମିଶ୍ର, ବିଡିଓ ପବିତ୍ର ମୋହନ ବାରିକ, ସିଡିପିଓ ନମିତା ଦାମ, ଥାନା ଆଇଆଇସି ମାନସ ଦେ, ବ୍ଲକ ସୁରକ୍ଷା ଅଧିକାରୀ ଦେବେନ୍ଦ୍ର ନାୟକ, ଡିଡବ୍ଲ୍ୟୁଓ ଜୟନ୍ତ ଜେନା, ଜିଲା ଅବକାରୀ ଅଧିକାରୀ ସ୍ପନ୍ଦନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ତାଲିମ

**ଧାମନଗର, ୯।୧୨(ଡି.ଏନ.ଏ.):** ଧାମନଗର ବ୍ଲକର ୧୦ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ଉନ୍ନତି ପାଇଁ ପରିବା ଚାଷ ପ୍ରଶିକ୍ଷଣ ଦିଆଯାଇଛି। ଜିଲା ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ସହକାରୀ ଉଦ୍ୟାନ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକଙ୍କ ପରିଚାଳନାରେ ସିଡିପିଓ ନମିତା ଦାସ, ଏଏଓ ରାଧାମୋହନ ମହାନ୍ତ, ଜିଲା ଏଏଚ୍‌ଓ ପୀତାମ୍ବର ବିଶ୍ୱାଳ, ବିପିଏମ୍ ସନ୍ଦିପ୍ତା ରାଉତ ଓ ସୁରେନ୍ଦ୍ର ଜେନା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଦସ୍ୟାମାନଙ୍କୁ ପାକଶାଳା ବଗିଚା ନିମନ୍ତେ ବିଭିନ୍ନ ପନିପରିବା ମଞ୍ଜିର କିଟ୍ ଦିଆଯାଇଥିଲା।

# ଶଙ୍ଖାବାଲୀର ଶଙ୍ଖା, ଚୁଡ଼ି କିମିଆ


ବାସନ୍ତୀଙ୍କଠାରୁ ମହିଳାମାନେ ଶଙ୍ଖା କିଣୁଛନ୍ତି।

**ଦୀପ୍ତିରଞ୍ଜନ ନାୟକ**
**ଆରଡ଼ି, ୯।୧୨ (ଡି.ଏନ.ଏ.)**

ଶଙ୍ଖା, ଚୁଡ଼ି, ସିନ୍ଦୂର ସୌଭାଗ୍ୟର ପ୍ରତୀକ। କାହିଁ କେଉଁ କାଳରୁ ବିବାହିତ ସଧବା ମହିଳାମାନେ ଏହାକୁ ପିନ୍ଧି ଆସୁଛନ୍ତି। ଆଜିକାଲି ହାଟବଜାରରେ ଲେଡିଜ କର୍ନର ଓ ଫ୍ୟାଶନ ସେଣ୍ଟରରେ ଶଙ୍ଖାସିନ୍ଦୂର ଭଳି ନାନା ପ୍ରସାଧନ ସାମଗ୍ରୀ ବିକ୍ରି ହେଉଛି। ବିବାହ ଋତୁରେ ଏସବୁ ଜିନିଷର ଚାହିଦା ଅଧିକ। ଆଗ କାଳରେ ଗାଁଗଣ୍ଡାର ମହିଳାମାନେ ଫେରିବାଲା ଶଙ୍ଖାରିଠାରୁ ଶଙ୍ଖା ସିନ୍ଦୂର କିଣି ପିନ୍ଧୁଥିଲେ। ସେତେବେଳେ ଏହି ଶଙ୍ଖା ବ୍ୟବସାୟକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ଅନେକ ଜୀବିକା ନିର୍ବାହ କରୁଥିଲେ। ସମୟ ବଦଳିବା ଏବଂ ହାଟବଜାରରେ ଏସବୁ ସାମଗ୍ରୀ ହାଉଜାଉ ହେଉଥିବାବେଳେ ଶଙ୍ଖାରି ପରିବାରର ଅନେକ ମହିଳା ଓ ପୁରୁଷ ଆଜି ବି ପୁରୁଣା ବୃତ୍ତିକୁ ନେଇ ଶଙ୍ଖା ବ୍ୟବସାୟ କରି ପରିବାର ଚଳାଉଥିବା ଶୁଣିଲେ ବିସ୍ମୟ ଲାଗେ। ଏଭଳି ଜଣେ ଶଙ୍ଖାରି ହେଲେ ବାସନ୍ତୀ ଦାସ(୪୫)। ଘର ଭଦ୍ରକ ଜିଲାର ଆରଡ଼ି ନିକଟସ୍ଥ ଅମୃତମଣୋହୀରେ। ପରିବାର ପ୍ରତିପୋଷଣ ପାଇଁ ସେ ଓ ତାଙ୍କ ସ୍ୱାମୀ ରବୀନ୍ଦ୍ର ଏହି ବ୍ୟବସାୟକୁ ଆଦରି ନେଇଛନ୍ତି। ବାସନ୍ତୀ ପ୍ରତିଦିନ ସକାଳୁ ବିଭିନ୍ନ ରଙ୍ଗବେରଙ୍ଗ କିସମର ଶଙ୍ଖା ଓ ଚୁଡି ଥିବା ଟୋକେଇ ଧରି ଘରୁ ବାହାରି ଯାଆନ୍ତି। ତାଙ୍କ ସ୍ୱାମୀ ଅଲଗା ବାଟରେ ଯାଇ ବେପାର କରିଥାନ୍ତି। ବିଭିନ୍ନ ଗାଁଗଣ୍ଡା ବୁଲି ଶଙ୍ଖା, ଚୁଡ଼ି ବିକି ସନ୍ଧ୍ୟାକୁ ସେମାନେ ଘରକୁ ଫେରନ୍ତି।

ବାସନ୍ତୀ କହନ୍ତି, ପୂର୍ବ ରାତିରେ ସେ ଘରେ ବିକ୍ରି ସାମଗ୍ରୀକୁ ଟୋକେଇରେ ସଜାଡ଼ି ରଖିଥାନ୍ତି। ସକାଳେ ଏହାକୁ ମୁଣ୍ଡାଇ ବାହାରି ପଡ଼ନ୍ତି। କେବଳ ଶଙ୍ଖା, ଚୁଡ଼ି ନୁହେଁ, ଆଇନା, ପାନିଆ, ନେଲ୍‌ପଲିସ, ଛୁଞ୍ଚି, ସୂତା ଭଳି କେତେକ'ଣ ଷ୍ଟେସନେରୀ ସାମଗ୍ରୀ ତାଙ୍କ ଟୋକେଇରେ ରହିଥାଏ। ପ୍ରତିଦିନ ସେ ୧୦ କି.ମି. ପରିଧିରେ ବିଭିନ୍ନ ଗାଁ ଗଣ୍ଡା ବୁଲି ଗ୍ରାହକଙ୍କୁ ଜିନିଷ ବିକନ୍ତି। ଏହି ବ୍ୟବସାୟ କରିବା ପରଠାରୁ ଅନେକ ଚିହ୍ନରା ଗ୍ରାହକଙ୍କୁ ସମ୍ପର୍କ ଡୋରିରେ ବାନ୍ଧି ରଖିଛନ୍ତି। ଆରଡ଼ି ନିକଟବର୍ତ୍ତୀ ଓଳଗ, କୁଳେଇପଦା, ଚମ୍ପାସାହି, ପାରଡିଆ, ବାଙ୍କମୁହାଁ, ନାନ୍ଦପୁର, ତଳଦୁମୁକା, ବୋଡକ, ଷାଠିବାଙ୍କୁଡା ଆଦି ଗାଁ ତାଙ୍କ ବ୍ୟବସାୟର କ୍ଷେତ୍ର ପାଲଟିଛି।

**ଶଙ୍ଖା ବିକ୍ରିରେ ଚାଲିଛି ସଂସାର**

ଚିହ୍ନା ପରିଚୟ ବଢ଼ିବା ଯୋଗୁ ଲୋକଙ୍କଠାରୁ ତାଙ୍କୁ ମିଳୁଛି ଅନେକ ସ୍ନେହ ଶ୍ରଦ୍ଧା। ଏହା ତାଙ୍କ ବ୍ୟବସାୟକୁ ଚଳାଇ ରଖିବାରେ ସହାୟତା କରୁଛି। ଶଙ୍ଖା ବ୍ୟବସାୟ ଦେଇଛି ତାଙ୍କୁ ଦାନା ପାଣି। ଜମିବାଡ଼ି କିଛି ନ ଥିବାରୁ ଏହାକୁ ଭରସା କରି ସେ ତାଙ୍କ ସଂସାର ଚଳାଇଛନ୍ତି। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ସେମାନଙ୍କୁ ପାଠ ପଢ଼ାଇ ଶିକ୍ଷିତ କରାଇବା ସହ ବିବାହ କରାଇ ଦେଇଛନ୍ତି। ଘରକୁ ୨ ବୋହୂ ଆସି ସୁଖଦୁଃଖରେ ସାଥୀ ପାଲଟିଛନ୍ତି। ବଡ଼ ବୋହୂର ୨ ପୁଅ ଜନ୍ମ ନେବା ପରେ ଘରେ ସେ ଏହି କୁନି ପିଲାଙ୍କ ମେଳରେ ଅନ୍ୟ ସମୟ ବିତାଇଥାନ୍ତି। ପୁଅମାନେ ବଡ଼ ହେବା ପରେ ଏହି ପୁରୁଣା ବୃତ୍ତି ଛାଡ଼ି ଦେବା ଲାଗି ବାରଣ କରୁଥିଲେ ମଧ୍ୟ ସେ ଗ୍ରାହକଙ୍କ ଭଲପାଇବାକୁ ଏଡ଼ାଇ ନ ପାରି ବ୍ୟବସାୟକୁ ଜାରି ରଖିଛନ୍ତି। ହାତଗୋଡ଼ ଚାଲୁଥିବା ଯାଏ ସେ ଲୋକଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ଶଙ୍ଖା ବେପାର କରୁଥିବା ବାସନ୍ତୀଙ୍କ ବ୍ୟବହାର ଓ ମଧୁର ଆଳାପରେ ଅନେକ ମହିଳା ଗ୍ରାହକ ଶ୍ରଦ୍ଧାରେ ତାଙ୍କୁ ମାଉସୀ ଡାକିଥାନ୍ତି। ସେହିଭଳି ତାଙ୍କ ସ୍ୱାମୀ ଗ୍ରାହକଙ୍କ ମନ ଜିଣି ଏହି କୌଳିକ ବୃତ୍ତି ବଜାୟ ରଖିବା ସହ ତାଙ୍କୁ ଉତ୍ସାହିତ କରିଆସୁଛନ୍ତି। ହାଟ ବଜାର ଦର ତୁଳନାରେ ସେ ବେଶି ଲାଭ ନ ରଖି ସୁଲଭ ମୂଲ୍ୟରେ ଶଙ୍ଖା ଚୁଡ଼ି ଆଦି ବିକ୍ରି କରିଥାନ୍ତି। ଘରେ ବସି ଲୋକେ ଚାହିଦା ମୁତାବକ ଜିନିଷ ପାଇପାରୁଥିବାରୁ ଏହା ତାଙ୍କୁ ଦେଇଛି ବ୍ୟବସାୟିକ ସଫଳତା।

### ଟ୍ରେଲର ଧକ୍କାରେ ଯୁବକ ଗୁରୁତର
## ପାଣି ପ୍ରକଳ୍ପ କାର୍ଯ୍ୟାଳୟ ଘେରିଲେ ଲୋକେ

**ତିହିଡ଼ି, ୯।୧୨ (ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ସିନ୍ଦୋଳ ନିକଟରେ ରବିବାର ରାତିରେ ଏକ ଟ୍ରେଲର ଧକ୍କାରେ କୃଷ୍ଣଚନ୍ଦ୍ର ନାୟକ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। କୃଷ୍ଣଚନ୍ଦ୍ରଙ୍କ ଘର ସିନ୍ଦୋଳ ଗ୍ରାମରେ। ସୂଚନା ଅନୁଯାୟୀ, ଟ୍ରେଲରଟି ଚାନ୍ଦବାଲି ଅଭିମୁଖେ ପାଣି ପାଇପ୍ ନେଇ ଯାଉଥିବାବେଳେ ବାଇକ୍ ଆରୋହୀ କୃଷ୍ଣଚନ୍ଦ୍ରଙ୍କ ସହ ଧକ୍କା ହୋଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋମବାର ସକାଳେ ଉତ୍ୟକ୍ତ ଲୋକେ ସିନ୍ଦୋଳରେ ଥିବା ପାଣି ପ୍ରକଳ୍ପ କାର୍ଯ୍ୟାଳୟକୁ ଘେରାଉ କରି ଧାରଣା ଦେଇଥିଲେ। ତିହିଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଆହତ କୃଷ୍ଣଚନ୍ଦ୍ରଙ୍କ ଚିକିତ୍ସା ଖର୍ଚ୍ଚ ପ୍ରକଳ୍ପ ନିର୍ମାଣକାରୀ କମ୍ପାନୀ ବହନ କରିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ


ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ଶିଖୁଛନ୍ତି।

**ଭଣ୍ଡାରିପୋଖରୀ, ୯।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସୋମବାର ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ପ୍ରଧାନଆଚାର୍ଯ୍ୟା ଅନସୂୟା ପୁହାଣଙ୍କ ସଞ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ବିଭିନ୍ନ ଉପାଦେୟ ଓ ନିର୍ଭୟା ଟୋଲଫ୍ରି ନମ୍ବର ବ୍ୟବହାର ଉପରେ କହିଥିଲେ। ଆତ୍ମସୁରକ୍ଷା ନିମନ୍ତେ କରାଟେ, ବାଡ଼ିଖେଳ, ବିଭିନ୍ନ ଷ୍ଟଣ୍ଟ ଓ ଫାଇଟ୍ ଶିକ୍ଷା ଉପରେ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷକ ନିର୍ମଳ ବିଶ୍ୱାଳ, ଭବପ୍ରସାଦ ବାରିକ, ମାମିନା ଯେନା, ପୂରବୀ ନାୟକ, ନିରୁପମା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟର ଛାତ୍ରୀମାନେ ଶିବିରରେ ଯୋଗଦେଇ ତାଲିମ ନେଇଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା

**ବାସୁଦେବପୁର, ୯।୧୨(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବରଣ୍ଡିଆ ଗ୍ରାମରେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ପରିବାରକୁ ତିହିଡ଼ିର ଗୋପବନ୍ଧୁ ସେବା ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଭାପତି ରାଜୀବ ନାୟକ, ସମ୍ପାଦକ ନିର୍ମଳ ଚନ୍ଦ୍ର ଦଳେଇ, ଉପଦେଷ୍ଟା ରାମନାରାୟଣ ନାୟକ, କୋଷାଧ୍ୟକ୍ଷ ସେକ୍ ଲିଆକତ, ସଭ୍ୟ ଅଭିରାମ ଦାଶ, ବୀରେନ୍ଦ୍ର ପାଢ଼ୀ, ବଧୁଲିଜା ତ୍ରିପାଠୀ, ଜଗନ୍ନାଥ ମହାନ୍ତି, ପ୍ରତିମା ନାୟକ ପ୍ରମୁଖ ରନ୍ଧାଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ, ଶୀତବସ୍ତ୍ର ଓ କମ୍ବଳ ଯୋଗାଇ ଦେଇଛନ୍ତି। ଜିଲାପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ଶରତ ବେହେରା, ବଟକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ବିବାହ ରୋକିବାକୁ ପ୍ରଶାସନର ଉଦ୍ୟମ ବିଫଳ

**ବାସୁଦେବପୁର, ୯।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ଅଞ୍ଚଳର ଜଣେ ନାବାଳିକାଙ୍କର ଯୁବକଙ୍କ ସହିତ ବେଆଇନ ଭାବେ ବିବାହ ଆୟୋଜନ କରା ଯାଇଥିଲା। ସୋମବାର ବାସୁଦେବପୁର ପୌରପାଳିକା ଅଧୀନ ବାଲିନଗର ଗ୍ରାମରେ ଥିବା ଏକ ମନ୍ଦିରରେ ଏହି ବିବାହ ହେଉଥିବା ଖବର ପାଇ ପୋଲିସ ଓ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବାସୁଦେବପୁର ପୋଲିସ, ସିଡିପିଓ ଓ ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ମିଳିତ ଭାବେ ବିବାହ ବନ୍ଦ କରିବାକୁ ମନ୍ଦିରରେ ପହଞ୍ଚିଥିଲେ। ମାତ୍ର ଚଢ଼ାଉ ସୁରାକ୍ ପାଇ ବରକନ୍ୟାଙ୍କ ସହିତ ଉଭୟ ପକ୍ଷ ଲୋକ ଖସି ପଳାଇ ଯାଇଥିବା ଜଣାପଡ଼ିଥିଲା। ନିରାଶ ହୋଇ ପୋଲିସ ଓ ପ୍ରଶାସନ ଫେରି ଆସିଥିଲା। ଏ ସମ୍ପର୍କରେ ସିଡିପିଓ ଜାନକୀ ଦାସଙ୍କୁ ପଚାରିବାରୁ କହିଛନ୍ତି, ବାଲିନଗରସ୍ଥିତ ମନ୍ଦିରରେ ଜଣେ ନାବାଳିକାଙ୍କ ବିବାହ ହେବାକୁ ଥିବା ଖବର ଆଧାରରେ ସେଠାରେ ଚଢ଼ାଉ କରାଯାଇଥିଲା। କିନ୍ତୁ ମନ୍ଦିରରେ ପହଞ୍ଚିଲା ବେଳକୁ ସେଠାରେ କେହି ନ ଥିଲେ। କୌଣସି ନାବାଳିକାଙ୍କ ବିବାହ ହେଉ ନ ଥିବା ଜାଣି ସେମାନେ ଫେରି ଆସିଥିଲେ।

## ଆବାସ ଯୋଜନାରେ ଅନିୟମିତତା

**ଭଦ୍ରକ ଅଫିସ, ୯।୧୨:** ଭଦ୍ରକ ବ୍ଲକ ଅଧୀନ ଓଲଙ୍ଗ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସୋମବାର ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ନିର୍ଦ୍ଦିଷ୍ଟ ଦଳୀୟ ଲୋକଙ୍କୁ ଚୟନ କରି ଏହି ଯୋଜନାରେ ସାମିଲ କରାଯାଉଥିବାବେଳେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଏପରିକି ଏସ୍‌ଇସି ରିପୋର୍ଟ ମୁତାବକ ଗୋଟିଏ ପରିବାର ଦର୍ଶାଯାଇଥିବା ଦୁଇଜଣଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏ ନେଇ ତଦନ୍ତରେ ମଧ୍ୟ ଅବହେଳା କରାଯାଉଥିବା ଦର୍ଶାଯାଇଛି। ଉପ ଜିଲାପାଳ ପୀତାମ୍ବର ସାମଲ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁପ୍ରିୟା ଭୁୟାଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ହୁଇଲ ଚେୟାର ପ୍ରଦାନ

**ବନ୍ତ,୯।୧୨(ଡି.ଏନ.ଏ.):** ବନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ଦିବ୍ୟାଙ୍ଗ ଜାନକୀ ପରିଡ଼ାଙ୍କୁ ହୁଇଲଚେୟାର ଏବଂ କନ୍ତିଆ ଗ୍ରାମର ସୁଦର୍ଶନ ବେହେରାଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ଜମାଦାର ମୁଣ୍ଡା, ପୂର୍ବତନ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ନିଶାକର ଖୁଣ୍ଟିଆ, ବ୍ଲକ ସଂଯୋଜକ ହୃଦାନନ୍ଦ ପାଢ଼ୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲକ୍ଷ୍ମୀପ୍ରଭା ଜେନା, ଜିଆର୍‌ଏସ୍ ହିମାଂଶୁ ମିଶ୍ର, ବିଦ୍ୟାଧର ଜେନା, ପିଏଜି ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## 'କାନ୍ତକବିଙ୍କୁ ଅମର କରିଛି ପ୍ରାଣସ୍ପର୍ଶୀ କବିତା'

**ତିହିଡ଼ି, ୯।୧୨ (ଡି.ଏନ.ଏ.)**


କାନ୍ତକବିଙ୍କ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥି।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ସାହିତ୍ୟ ଓ ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ଥିଲା। ସଙ୍ଗୀତ, ନାଟକ ଓ ଅଭିନୟ ପ୍ରତି ତାଙ୍କର ଥିଲା ଆକର୍ଷଣ। ସଙ୍ଗୀତ ଥିଲା ତାଙ୍କ ସତ୍ତାର ଅବିଚ୍ଛେଦ୍ୟ ଅଙ୍ଗ। ପ୍ରାଣସ୍ପର୍ଶୀ କବିତା ଓ ସଙ୍ଗୀତ ତାଙ୍କୁ ଅମର କରିଛି ବୋଲି ତିହିଡ଼ି ବ୍ଲକ ତାଳପଦା ଗ୍ରାମସ୍ଥିତ କାନ୍ତକବି ସ୍ମୃତି ମନ୍ଦିରରେ ସୋମବାର ଅନୁଷ୍ଠିତ କାନ୍ତକବିଙ୍କ ୧୩୨ତମ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ତାଳପଦା କାନ୍ତକବି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗଦେଇ କାନ୍ତକବିଙ୍କ ଜାତୀୟତାବାଦୀ କବିତା, ପଲ୍ଲୀସଙ୍ଗୀତ ଏବଂ ବୁଢ଼ାଶଙ୍ଖାରୀ ପରି ଗଳ୍ପ ସାହିତ୍ୟରେ ମାଇଲଖୁଣ୍ଟ ହୋଇ ରହିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ମନ୍ମଥ କୁମାର ପ୍ରଧାନ, ସମ୍ମାନିତ ଅତିଥି ସାହିତ୍ୟ ଏକାଡେମୀର ରାଜ୍ୟ ପରିଷଦ ସଦସ୍ୟ ଡ. ଶଶଧର ଦାସ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ସାହିତ୍ୟିକା ଭାନୁମତୀ ମାଟିଆ, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, କବି ହୃଦାନନ୍ଦ ପାଣିଗ୍ରାହୀ ଓ ରାସବିହାରୀ ମହାପାତ୍ର ଯୋଗଦେଇ କାନ୍ତକବିଙ୍କ ସାହିତ୍ୟକୃତି ଉପରେ ବକ୍ତବ୍ୟ ରଖିଥିଲେ। ଜିଲାପରିଷଦ ସଦସ୍ୟ ଚିନ୍ତାମଣି ଦାସ ସ୍ୱାଗତ ଭାଷଣ ଓ ଚକ୍ରଧର ମହାନ୍ତି ଅତିଥି ପରିଚୟ ଦେଇଥିଲେ। ସକାଳେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ କାନ୍ତକବିଙ୍କ ସମାଧିପୀଠରେ ମାଲ୍ୟାର୍ପଣ କରିଥିଲେ। କାନ୍ତ ସଙ୍ଗୀତ ପରିବେଷଣ କରିଥିଲେ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦର୍ଶନ ନାୟକ। ରାକେଶ ମହାପାତ୍ର, ଆଶିଷ କୁମାର ଶୁକ୍ଲ, ଲିପୁନ ମହାପାତ୍ର, ସୁବାସ ଜେନା, ଅଜିତ୍ ଦାସ, ଗିରିଧାରୀ ଜେନା, ଦିଲୀପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମନ ଜିଣିଲା ଇକୋଫ୍ରେଣ୍ଡଲି ସ୍ମାର୍ଟହୋମ ପ୍ରକଳ୍ପ

**ଭଣ୍ଡାରିପୋଖରୀ, ୯।୧୨ (ଡି.ଏନ.ଏ.):** ବ୍ଲକସ୍ତରୀୟ ୨୪ତମ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ସୋମବାର କୁଲଣାସ୍ଥିତ ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଦୀପକ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ପଦାର୍ଥ ବିଜ୍ଞାନୀ ମହେନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ମଞ୍ଜୁଶ୍ରୀ ବେହେରା, ଅଧ୍ୟାପକ ନୀହାର ରଞ୍ଜନ କର, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବ୍ଲକ ବିଜ୍ଞାନ ସଂଯୋଜକ ସୁବଳ ଚରଣ ପତ୍ରୀ, ଏବିଇଓ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ ଓ ରଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ ୧୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୨ଟି ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ ହୋଇଛି। ମଣିନାଥପୁର ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ ବେହୁରିଆଙ୍କ ଦ୍ୱାରା ପ୍ରଦର୍ଶିତ 'ଇକୋଫ୍ରେଣ୍ଡଲି ସ୍ମାର୍ଟହୋମ' ସମସ୍ତଙ୍କ ମନ ଜିଣିଥିଲା। ଏସି ବଦଳରେ ଘର ଭିତରକୁ ଥଣ୍ଡା ପବନ ପ୍ରବାହିତ କରାଯାଇ ଶୀତଳୀକରଣ କରାଯାଇପାରିବ। ସେନ୍‌ସର ବ୍ୟବହାର କରି ସ୍ୱୟଂଚାଳିତ ଭାବେ ଆଲୁଅ ଜଳିବାକୁ ନେଇ ପ୍ରସ୍ତୁତ ଏହି ପ୍ରକଳ୍ପ ବେଶ୍ ଆକର୍ଷଣ ହୋଇଥିଲା। ସେହିପରି ମଞ୍ଜୁରି ବଳଦେବଜୀଉ ହାଇସ୍କୁଲର ଛାତ୍ରୀ ହରପ୍ରିୟା ସାସ୍ମଲଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପର ପ୍ରଶଂସା କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ପଣ୍ଡା ସ୍ୱାଗତ ଭାଷଣ ଓ ପୂର୍ଣ୍ଣଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ପାଢ଼ୀ, ବିଡିଓ ବନମାଳୀ ତରାଇ, ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ, କାର୍ତ୍ତିକ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଦିଲୀପ ଓଝା ଓ ସୁନାକର ଧଳ ପ୍ରମୁଖ ଯୋଗ ଦେଇଥିଲେ।

**ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ**



ଛାତ୍ରୀ ଶୁଭଲକ୍ଷ୍ମୀ ବେହୁରିଆଙ୍କ ଦ୍ୱାରା ପ୍ରଦର୍ଶିତ ଇକୋଫ୍ରେଣ୍ଡଲି ସ୍ମାର୍ଟହୋମ ପ୍ରକଳ୍ପ।

# ଗୋପାଳନ ସବ୍‌ସିଡି ଯୋଜନା ବାଟବଣା

- ଟୁଇଟ୍ ସାଙ୍ଗକୁ ଚାଷୀଙ୍କ ଆତ୍ମାହୁତି ଚେତାବନୀ ପରେ ପ୍ରଶାସନ ତତ୍ପର
- ପ୍ରତ୍ୟୁତ୍ତର ରଖିଲେ ମନ୍ତ୍ରୀ ଓ ଜିଲାପାଳ
- ତଦନ୍ତ କରି ପଦକ୍ଷେପ ନିଆଯିବ

**ଭଦ୍ରକ ଅଫିସ, ୯।୧୨**

ଗୋପାଳନକୁ ପ୍ରୋତ୍ସାହନ ଦେବା ଲାଗି ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୃଢ଼ କରିବା ପାଇଁ ସମବାୟ ସମିତି ମାଧ୍ୟମରେ ଋଣ ଯୋଗାଇ ଦେଉଛନ୍ତି। ଚାଷୀମାନେ ଋଣ ନେଇ କିସ୍ତି ପରିଶୋଧ କରୁଥିଲେ ମଧ୍ୟ ସରକାର ଦେଉଥିବା ସବ୍‌ସିଡି ଟଙ୍କା ମିଳୁ ନାହିଁ। ଫଳରେ ସରକାରଙ୍କ ଯୋଜନା ବାଟବଣା ହୋଇପଡ଼ିଛି। ଭଦ୍ରକ ଜିଲା ଧାମନଗର ବ୍ଲକର ୨ଜଣ ଚାଷୀ ସମବାୟ ସମିତି ମାଧ୍ୟମରେ ଋଣ ନେଇ ପରିଶୋଧ କରିବାର ୫ ବର୍ଷ ବିତିଥିଲେ ବି ଏଯାଏ ସବ୍‌ସିଡି ପାଇ ନାହାନ୍ତି। ଏ ସମ୍ପର୍କରେ ସନ୍ତୋଷ ମହାପାତ୍ର ନାମକ ଜଣେ ସ୍ଥାନୀୟ ଯୁବକ ରବିବାର ଟୁଇଟର୍‌ରେ ଏ ସମ୍ପର୍କରେ ସମସ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ଟୁଇଟ୍‌ର ପ୍ରତ୍ୟୁତ୍ତର ଦେଇ ରବିବାର ବିଳମ୍ବିତ ରାତି ୨ ଟାରେ ଭଦ୍ରକ ଜିଲାପାଳ ଏବଂ ପରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଦର୍ଶାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅନହରପୁର ଗାଁର ଗଣେଶ ପ୍ରସାଦ ସେଠୀ ଓ ପ୍ରଭାତୀ ରାଉତ ନାମକ ଦୁଇଜଣ ଚାଷୀ ସ୍ଥାନୀୟ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିରୁ ୨୦୧୫ ମାର୍ଚ୍ଚରେ ଗୋପାଳନ ପାଇଁ ଜଣ ପିଛା ୧ ଲକ୍ଷ ୮୦ ହଜାର ଟଙ୍କା ଲେଖାଏ ଋଣ ନେଇଥିଲେ। ସରକାରୀ ନିୟମ ଅନୁଯାୟୀ ୬ ମାସ ଋଣ ପରିଶୋଧ କରିବା ପରେ ସବ୍‌ସିଡି ବାବଦ ଟଙ୍କା ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀଙ୍କ ଜମାଖାତାକୁ ଆସିବା କଥା। କିନ୍ତୁ ବ୍ୟାଙ୍କ କର୍ମଚାରୀ ଓ ସମବାୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ୫ ବର୍ଷ ବିତିଯାଇଥିଲେ ବି ସେମାନେ ଟଙ୍କା ପାଇପାରି ନାହାନ୍ତି। ଏହି ସେମାନେ ବ୍ୟାଙ୍କ ଓ ସମବାୟ ସମିତିକୁ ବାରମ୍ବାର ଧାଇଁ କୌଣସି ସୂଚନା କି ତଥ୍ୟ ନ ପାଇବାରୁ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଓ ଜିଲା ପ୍ରଶାସନକୁ ଜଣାଇଥିଲେ। ଏହାସତ୍ତ୍ୱେ କିଛି ସୁଫଳ ନ ମିଳି ନ ଥିଲା। ଏବେ ଟୁଇଟର୍‌ରେ ସେମାନେ ଅଧିକାରୀଙ୍କ ପୁନଃ ଦୃଷ୍ଟି ଆକର୍ଷଣ କରି ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଗଣେଶ ଓ ପ୍ରଭାତୀ ଧାରଣା ଦେବା ସହ ଆତ୍ମହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଧାମନଗର ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ ମ୍ୟାନେଜର ବିଚିତ୍ରାନନ୍ଦ ସାହୁଙ୍କୁ ପଚାରିବାରୁ କହିଛନ୍ତି, ବ୍ୟାଙ୍କର ଭୁଲ୍ ପାଇଁ ପ୍ରାୟ ୭ ରୁ ୮ ଜଣ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଆବେଦନ ତାରିଖ ଶେଷ ହୋଇଯାଇଥିବାରୁ ଅଧିକ ସମସ୍ୟା ସୃଷ୍ଟି ହୋଇଥବା ସେ କହିଛନ୍ତି।

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ, ୨ ଗିରଫ

ସଜନାଗଡ଼, ୯।୧୨(ଡି.ଏନ.ଏ.)-ନୀଳଗିରି ଅବକାରୀ ବିଭାଗ ବରହମପୁର ଥାନା ନିକଟସ୍ଥ ଘୁଷୁରିକିଳା ଗ୍ରାମର ସୂର୍ଯ୍ୟ ମୁର୍ମୁ (୩୫)ଙ୍କଠାରୁ ୨୦ଲିଟର ଦେଶୀ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେହିପରି ଉକ୍ତ ଥାନା ଅଧୀନ କଇଁଡ଼ାଳି ଗ୍ରାମର ସୁରେଶ ଚନ୍ଦ୍ର ସିଂ (୪୫)ଙ୍କ ଠାରୁ ୧୯ ଲିଟର ଦେଶୀ ମଦ ଜବତ କରାଯାଇ ଗିରଫ କରାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗର ଓଆଇସି ଲକ୍ଷେସାଧବ ପ୍ରଧାନ, ଏଏସ୍ଆଇ ଜୟନ୍ତ ଆଚାର୍ଯ୍ୟ, ବିକେ ମଲ୍ଲିକ, ଉର୍ମିଳା ବେହେରା ଓ ହୃଷିକେଶ ବାରିକ ପ୍ରମୁଖ ସାମିଲ ଥିଲେ।

### ଏନ୍‌ସିସି ଦିବସରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ଲଙ୍ଗଳେଶ୍ୱର, ୯।୧୨-ବାଲିଆପାଳି ବ୍ଲକ ସୁବର୍ଣ୍ଣରେଖା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ବ୍ରଜେନ୍ଦ୍ରନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏନସିସି ଶିକ୍ଷକ ରାଜେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିବବେଳେ ଶିକ୍ଷକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ଫେବୃୟାରୀ ୫ରୁ ବାଲିଆପାଳ ମହୋତ୍ସବ

ଲଙ୍ଗଳେଶ୍ୱର, ୯।୧୨-ବାଲିଆପାଳସ୍ଥିତ ନେରାଝୀ ଷ୍ଟାଡ଼ିୟମ ପରିସରରେ ଆସନ୍ତା ଫେବୃୟାରୀ ୫ରୁ ଏକ ସପ୍ତାହ ବ୍ୟାପୀ ୭ମ ବାଲିଆପାଳ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ଆବାହକ ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟ ଡ. ସନ୍ତୋଷ ଦାସ, ଜଗନ୍ନାଥ ବାରିକ, ସୁଶାନ୍ତ ଦାସ, ବ୍ୟୋମକେଶ ସାହୁ, ଅରୁଣ ପାତ୍ର, ମୁକୁନ୍ଦ ସିଂ, ଦେବାଶିଷ ପାତ୍ର, ବିକ୍ରମକେଶରୀ ଦେ, ମନୋଜ ଜେନା, ଦିନୋଜ ଜେନା, ପ୍ରବୀର ସୀ, ନରେଶ ସାହୁ, ହରବନ୍ଧୁ ପାତ୍ର, କାର୍ତ୍ତିକ ଜେନା, କରୁଣାକର ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ହୋଇ ଅଂଶଗ୍ରହଣ କରିଥିଲେ। ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ମୀନାବଜାର, ନାଗର ଦୋଳି, ବ୍ରେକ ଡ୍ୟାନ୍ସ, ପଶ୍ଚିମବଙ୍ଗର ଲୁଗା ବଜାର, ହ୍ୟାଣ୍ଡଲୁମ ରାଜ୍ୟ ଏବଂ ରାଜ୍ୟ ବାହାର ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଏବଂ ମିଷ୍ଟାନ ଦୋକାନକୁ ମିଶାଇ ହଜାରେରୁ ଊର୍ଦ୍ଧ୍ୱ ବିଭିନ୍ନ ସାମଗ୍ରୀର ଷ୍ଟଲ ସ୍ଥାନ ପାଇବ। ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍, ରାଜନୈତିକ ନେତା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତିଦିନ ରାଜ୍ୟ ଏବଂ ରାଜ୍ୟ ବାହାରର ସାଂସ୍କୃତିକ ଗ୍ରୁପ ସାଙ୍ଗକୁ ଟିଭି ଏବଂ ଚଳଚ୍ଚିତ୍ର କଳାକାରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ। ପ୍ରତିବର୍ଷ ଭଳି ମେଳା ପରିସରକୁ ସୁସଜ୍ଜିତ ଆଲୋକମାଳା ଏବଂ ଆକର୍ଷଣୀୟ ତୋରଣରେ ସଜ୍ଜିତ କରାଯିବ ବୋଲି ଆବାହକ ଇଂ.ସୁଶାନ୍ତ ଚକ୍ରବର୍ତ୍ତୀ କହିଛନ୍ତି।

### ବିଦ୍ୟୁତ୍ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ଭୋଗରାଇ, ୯।୧୨(ଡି.ଏନ.ଏ.)- ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ସହ ୧୩ଦଫା ଦାବି ନେଇ ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚିତ୍ତରଞ୍ଜନ ଆଇଟିଆଇ ପରିସରରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଅବିଳମ୍ବେ ଭୋଗରାଇ ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ବିଭ୍ରାଟ୍ ସୁଧାର ନ ଆଣିଲେ ଖୁବ୍‌ଶୀଘ୍ର ଦେହୁର୍ଦ୍ଦାସ୍ଥିତ ନେସ୍କୋ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ଏଥିସହିତ ଏକ ସ୍ମାରକପତ୍ର ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀ, ବିଧାୟକ ଓ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚ ଭୋଗରାଇ ଶାଖାର ସଦସ୍ୟ ଇଂ. ରବୀନ୍ଦ୍ର ନାଥ ମହାନ୍ତି, ରଘୁନାଥ ମହାନ୍ତି, ଦୀପ୍ତେଶ ଚନ୍ଦ୍ର ରାୟ, ପ୍ରମଥ କୁମାର ଗିରି, ରବୀନ୍ଦ୍ର ନାଥ ସାମଲ, ଗୋପବନ୍ଧୁ ମହାପାତ୍ର ପ୍ରମୁଖ ପ୍ରତିନିଧିମାନେ ଭୋଗରାଇ ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ■ଶ୍ରଦ୍ଧାପୁର ଉପନିର୍ବାଚନରେ ବିଶୃଙ୍ଖଳା ଘଟଣା

# ନିଲମ୍ବନ ଆଦେଶ ପ୍ରତିବାଦରେ ମେଳି

ଭୋଗରାଇ, ୯।୧୨(ଡି.ଏନ.ଏ.)-

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତ ଉପନିର୍ବାଚନରେ ବିଶୃଙ୍ଖଳା, ଭୋଟବାକ୍ସ ଖୋଲା ଓ ଭାଙ୍ଗିବା ଘଟଣା ଅଭିଯୋଗ ହେବା ପରେ କାର୍ଯ୍ୟରେ ଅବହେଳା କରିଥିବା ୬ଜଣ ଶିକ୍ଷକଙ୍କ ବିରୋଧରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବା ପରେ ଭୋଗରାଇ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବର୍ଗର ଶିକ୍ଷକ ସୋମବାର ଅପରାହ୍ଣରୁ ପ୍ରତୀକ ଆନ୍ଦୋଳନ କରିଛନ୍ତି। ଅବିଳମ୍ବେ ସମସ୍ତ ୬ ଶିକ୍ଷକଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର ନ କଲେ ଶିକ୍ଷକମାନେ ବୃହତ୍ତର ଆନ୍ଦୋଳନ କରିବା ସହିତ ସମସ୍ତ ସ୍କୁଲରେ ତାଲା ପକାଇବେ ବୋଲି ସରକାର ଓ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ସୋମବାର ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ସମସ୍ତ ଶିକ୍ଷକ ସଙ୍ଗଠନର ପ୍ରତିନିଧିମାନେ ମିଳିତ ହୋଇ ବିଇଓ କାଳେନ୍ଦୀ ସୋରେନଙ୍କୁ ଶିକ୍ଷକ ସଙ୍ଗଠନର ଆନ୍ଦୋଳନ ନିଷ୍ପତ୍ତି ସମ୍ପର୍କରେ ଅବଗତ କରିଛନ୍ତି। ଏଥିସହିତ ନିର୍ବାଚନ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ପୋଲିସର ସୁରକ୍ଷା ଢ଼ିଲା ହେବା ଯୋଗୁ ବ୍ଲକ ପରିସର ରଣାଙ୍ଗନ ପରିସ୍ଥିତି ସୃଷ୍ଟି ହୋଇଥିବା ଶିକ୍ଷକ ସଙ୍ଗଠନ ଦାୟୀ କରିଛନ୍ତି। ଏଭଳି ଅଭାବନୀୟ ଘଟଣାରେ ଜିଲା ପ୍ରଶାସନ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ନ କରି ନୀରିହ ଶିକ୍ଷକଙ୍କ ମୁଣ୍ଡରେ ଅଠାବୋଳି କାର୍ଯ୍ୟାନୁଷ୍ଠାନ ନେବା ଅନ୍ୟାୟ ବୋଲି ଶିକ୍ଷକନେତାମାନେ ପ୍ରକାଶ କରିଛନ୍ତି। ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଶିକ୍ଷକମାନଙ୍କ ଦାବି ସମ୍ବଳିତ ସ୍ମାରକପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ବହୁ ଶିକ୍ଷକ ସେଠାରୁ ଫେରି ସନ୍ଧ୍ୟାରେ ଭୋଗରାଇ ବ୍ଲକ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀଙ୍କୁ ଘେରିଥିଲେ। ପ୍ରଶାସନ ୬ ଜଣ ଶିକ୍ଷକଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ୭ଦିନ ମଧ୍ୟରେ ପ୍ରତ୍ୟାହାର ନ କଲେ ଅନୁରୂପ ଭାବେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ବିଡ଼ିଓ ଶିକ୍ଷକ ସଂଘର ଦାବିପତ୍ରକୁ ଗ୍ରହଣ କରି ଜିଲାପାଳଙ୍କ ଦପ୍ତରକୁ ପଠାଇବେ ବୋଲି କହିଥିଲେ। ପ୍ରାରମ୍ଭିକ ଶିକ୍ଷକ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ଶିକ୍ଷକନେତା ଶ୍ରୀନିବାସ ପ୍ରଧାନ, ନଟରଞ୍ଜନ ଘରାଇ, ବିଜୟାନନ୍ଦ ପଟ୍ଟନାୟକ, ସୀତାରାମ ପ୍ରଧାନ, ଅଜିତ ସାମଲ, ବେଣୁଚନ୍ଦ୍ର ଜେନା, ପରେଶ ଚନ୍ଦ୍ର ଦାସ, ବାଲଗୋପାଳ ଦାସ, ଗୌତମ ଦତ୍ତ ପ୍ରମୁଖ।



ବିଇଓ କାର୍ଯ୍ୟାଳୟରେ ଶିକ୍ଷକ ସଂଘର ପ୍ରତୀକ ଆନ୍ଦୋଳନ।

## ଶାରୀରିକ, ମାନସିକ ବିକାଶରେ ସହାୟକ ହୁଏ କ୍ରୀଡ଼ା



କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ସିମୁଳିଆ, ୯।୧୨(ଡି.ଏନ.ଏ.)-

ସିମୁଳିଆ ବ୍ଲକ ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ସ୍ଥାନୀୟ ବଣା ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୭୭୫ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ଦୌଡଡିଆଁ, ଗୋଲାଫିଙ୍ଗା, ଆଳୁଦୌଡ଼, ଗଣିତଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହେବ। ପ୍ରଧାନଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଉଦ୍‌ଘାଟନ କରି ଉତ୍ତମ ଶିକ୍ଷା ପାଇଁ ସୁସ୍ଥ ମାନସିକତା ଆବଶ୍ୟକ ହୋଇଥାଏ। କ୍ରୀଡ଼ା ଦ୍ୱାରା ହିଁ ମାନସିକତାର ବିକାଶ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ପରିଚାଳନା ସମିତି ସଦସ୍ୟ ଦିଲୀପ କୁମାର ଗିରି କ୍ରୀଡ଼ା ମଧ ଶାରୀରିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଶିଶୁ ମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ସହଯୋଗୀ ଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୀତା ଜୟନ୍ତୀ ସମାରୋହ

ଜଳେଶ୍ୱର,୯।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ଇସ୍କନ ମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଜଳେଶ୍ୱର କୃଷ୍ଣଭାବନାମୃତ ସଂଘର କୃଷ୍ଣନଗରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୀତା ଜୟନ୍ତୀ ଉତ୍ସବ ଉପଲକ୍ଷେ ଗୀତାଯଜ୍ଞ କରାଯାଇଥିଲା। ଶ୍ରୀମଦ୍ ଭଗବତ ଗୀତାର ୭୦୦ ଶ୍ଳୋକ ପାଠ ପୂର୍ବକ ଯଜ୍ଞକୁଣ୍ଡରେ ଘୃତାହୁତି ଅର୍ପଣ କରାଯାଇଥିଲା। ଶ୍ରୀ ହେମହରିପଦ ଦାସ ବ୍ରହ୍ମଚାରୀଙ୍କ ତତ୍ତ୍ୱାବଧାନରେ ଶ୍ରୀନିବାସ ଦାସ ଅଧିକାରୀ ଗୀତା ଶ୍ଳୋକ ପାଠ କରିଥିଲେ। ଶ୍ରୀ ଚନ୍ଦନ କୁମାର ଦାସ ଗୀତା ପାଠ ସହ ଗୀତା ମାହାତ୍ମ୍ୟ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଆରତି ଓ ଭକ୍ତଙ୍କ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା। ଆସନ୍ତା ଜାନୁୟାରୀ ୩ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଜଳେଶ୍ୱର ବଡବଜାର ସ୍ଥିତ ସତ୍ୟନାରାୟଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଭଗବତ କଥାମୃତ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ଥିବାରୁ ଏ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ପ୍ରବୀର କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ନାରାୟଣ ଦତ୍ତ, ରାଧେଶ୍ୟାମ ଦାସ, ବଂଶୀଧର ସାହୁ, ମାନସ କୁମାର ପ୍ରଧାନ, ଚିତ୍ତରଞ୍ଜନ ଘୋଷ, ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତ ବନ୍ଦ ନେଇ ପ୍ରସ୍ତୁତି

ଜଳେଶ୍ୱର,୯।୧୨(ଡି.ଏନ.ଏ.)- ଆସନ୍ତା ଜାନୁୟାରୀ ୮ତାରିଖରେ ଭାରତ ବନ୍ଦ ପାଳନ ଲାଗି ନିର୍ମାଣ ଶ୍ରମିକ ସଂଘ ସିଆଇଟିୟୁର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ସମ୍ପାଦକ ପଲ୍ଟୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଭାପତି ଦୀପ୍ତିମାନ ଆଚାର୍ଯ୍ୟ, ସଭ୍ୟ ଦିଲ୍ଲୀପ ଗିରି, ରାଜପୁର ସରପଞ୍ଚ ଦିଲ୍ଲୀପ ପରିଡ଼ା, ରବିନ୍ଦ୍ର ବାରିକ, ଗଣେଶ ଜେନା, ପ୍ରବୋଧ ବାରିକ, ପଙ୍କଜ ଦାସ, ତପନ ଜେନା, ଅଜୟ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ସରକାର ଶ୍ରମିକଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରି ପୁଞ୍ଜିପତିଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି। ପୁଞ୍ଜିପତିଙ୍କୁ ଋଣ ଛାଡ଼ କରାଯାଉଥିବାବେଳେ ଗରିବଙ୍କର ହକ ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି। ଆଗାମୀ ଦିନରେ ଶ୍ରମିକମାନଙ୍କୁ ଏକାଠି କରି ଜିଲାପାଳଙ୍କ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦିଆଯିବା ସାଙ୍ଗକୁ ଭାରତ ବନ୍ଦ ଡାକରାଙ୍କୁ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଅଗ୍ନିବିପନ୍ନଙ୍କୁ ସହାୟତା



ଶତ୍ରୁଘ୍ନଙ୍କୁ ସରପଞ୍ଚ ସହାୟତା ଦେଉଛନ୍ତି।

ଖଇରା, ୯।୧୨(ଡି.ଏନ.ଏ.)-

ଅଗ୍ନିକାଣ୍ଡରେ ଧାନଚାଉଳଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀ ହରାଇଥିବା ଖଇରା ପଞ୍ଚାୟତ ପୁରସ୍ତମପୁର ଗ୍ରାମର ସୁଦର୍ଶନ ସେଠୀଙ୍କୁ ଖଇରା ସରପଞ୍ଚ ସୁଦର୍ଶନ ସେଠୀ ତଥା ସ୍ଥାନୀୟ ବିଜେଡି କର୍ମୀ ସହଯୋଗର ହାତ ବଢାଇଛନ୍ତି। ସୋମବାର ଅପରାହ୍ଣରେ ସରପଞ୍ଚ ସେଠୀ କର୍ମୀ ଶଶାଙ୍କ ଶେଖର ମହାପାତ୍ର, ଗିରିଶଚନ୍ଦ୍ର ପାତ୍ର, ଉଦୟ ରାଉତ, ସୁଶାନ୍ତ ନାୟକ, ସ୍ୱରୂପ ବେହେରା, ଅଜୟ ଓଝା ପ୍ରମୁଖ କ୍ଷତିଗ୍ରସ୍ତ ଶତ୍ରୁଘ୍ନ ସାହୁ ଓ ପତ୍ନୀ ରୁକ୍ମଣୀଙ୍କ ଘରକୁ ଯାଇ ନଗଦ ଅର୍ଥ ଓ ଚାଉଳ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ଅନୁଶୀଳନ ଭ୍ରମଣ

ସଜନାଗଡ଼,୯।୧୨(ଡି.ଏନ.ଏ.)-

ବିଶ୍ୱବିଦ୍ୟାଳୟ ବିତ୍ତ ଆୟୋଗ ୟୁନିଭରସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଦ୍ୱାରା ଅନୁମୋଦିତ ନୀଳଗିରି ମହାବିଦ୍ୟାଳୟ ପର୍ଯ୍ୟଟନ ଏବଂ ଆତିଥ୍ୟତା ବିଭାଗ ଦ୍ୱାରା ରବିବାର ଦିବସବ୍ୟାପୀ ପଞ୍ଚୁଲିଙ୍ଗେଶ୍ୱର ଓ ଏହାର ଆଖପାଖ ଗ୍ରାମକୁ ଅନୁଶୀଳନ ଭ୍ରମଣ କରାଯାଇଥିଲା। ପର୍ଯ୍ୟଟନସ୍ଥଳୀର ପରିବେଶ ତଥା ଅଞ୍ଚଳବାସିନ୍ଦାଙ୍କ ଆର୍ଥିକ ଅବସ୍ଥା ଓ ଚଳଣି ଉପରେ ଛାତ୍ରୀଛାତ୍ରମାନେ ଅନୁଧ୍ୟାନ କରିବା ଏହାର ଉଦ୍ଦେଶ୍ୟ। ଏଥିରେ ୪୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

ବିଭାଗୀୟ ପ୍ରଫେସର ଅଜିତ କୁମାର ନାୟକ, ଅଧ୍ୟାପିକା ମମତା ଦାସ, ଡେମନଷ୍ଟ୍ରେଟର ସସ୍ମିତା ନାୟକ ତଥା ଅଣଶିକ୍ଷକ କର୍ମଚାରୀ ହରପ୍ରିୟା ନାୟକ, ସୁଲୋଚନା ଦାସ, ସପନ ନାୟକ ଛାତ୍ରୀଛାତ୍ରଙ୍କୁ ପଞ୍ଚୁଲିଙ୍ଗେଶ୍ୱର ତଥା ନିକଟତମ ଗ୍ରାମ ନୂଆସାହି, ଶ୍ୟାମସୁନ୍ଦରପୁର, କେନ୍ଦୁନାଳ ବାସିନ୍ଦାମାନଙ୍କ ସହ ଆଲୋଚନା କରାଇଥିଲେ। ଫିଲୋସଫି ଅଧ୍ୟାପକ ନାରାୟଣ ପଣ୍ଡା ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ। ବିଭାଗୀୟ ନୋଡ଼ାଲ ଅଫିସର ଅଧ୍ୟାପକ ଡ. ସୁବ୍ରତ କୁମାର ନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନ ସମୟରେ ଛାତ୍ରୀଛାତ୍ରମାନେ ଏକ ରାଲି କରି ଲୋକମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ।

## ବାବା ମୁକ୍ତେଶ୍ୱର ଆନ୍ତଃ ରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ

## ଉଦ୍‌ଘାଟନୀ ମ୍ୟାଚରେ କଟକ ବିଶ୍ୱଭାରତୀ ବିଜୟୀ

ସୋର, ୯।୧୨(ଡି.ଏନ.ଏ.)

ସୋର ବ୍ଲକ ମହୁମୁହାଣ ବାବାମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଗୁଠୁଣା ମୁନିପଡ଼ିଆଠାରେ ମା’ବାସୁଳି ବାବାମୁକ୍ତେଶ୍ୱର ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଭଦ୍ରକ ସାଳନ୍ଦୀ କ୍ଲବକୁ ହରାଇ କଟକ ବିଶ୍ୱଭାରତୀ ବିଜୟୀ ହୋଇଛି। ବିଶ୍ୱଭାରତୀ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୮ଟି ଉଇକେଟ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସାଳନ୍ଦୀ ୧୭.୩ ବଲରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଟିମ୍ ଟିମ୍‌ର ରଶ୍ମିରଞ୍ଜନ ଦାସ ୫୪ ବଲରେ ୬୧ ରନ୍ ସଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ଖେଳକୁ ବିସିଏ ଅମ୍ପାୟର ପ୍ରତାପ ଚନ୍ଦ୍ର ପାତ୍ର ଓ ନୀଳମାଧବ ବିଶ୍ୱାଳ ପରିଚାଳନା କରିଥିଲେ। ମହୁମୁହାଣ ସରପଞ୍ଚ ଶାନ୍ତିଲତା ବେହେରା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଖିଳରାମ ଜେନା ଯୋଗଦେଇଥିଲେ। ଏଥିରେ ମହୁମୁହାଣ ସମିତିସଭ୍ୟ ଭ୍ରମରବର ନାୟକ ସଭାପତିତ୍ୱ କରିଥିଲେ।

## ଶିକ୍ଷକ ବଦଳି ବିରୋଧରେ ଅଭିଭାବକଙ୍କ ଧାରଣା



ଧାରଣାରେ ବସିଥିବା ଏସଏମସି ସଭ୍ୟାସଭ୍ୟ।

ରୂପ୍‌ସା,୯।୧୨(ଡି.ଏନ.ଏ.)-

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ସ୍ଥିତ ଜନାର୍ଦ୍ଦନ ସରକାରୀ ଉପ୍ରା ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୭୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷା ବିଭାଗର ନିୟମ ଅନୁଯାୟୀ ୩୦ଜଣ ଛାତ୍ରୀଛାତ୍ରଙ୍କ ଲାଗି ଜଣେ ଲେଖାଏ ଶିକ୍ଷକ ହିସାବରେ ଏଠାରେ ୯ଜଣ ଶିକ୍ଷକ ରହିବା କଥା। ମାତ୍ର ଏବେ ୬ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିଛନ୍ତି। ଏମାନଙ୍କ ମଧ୍ୟରୁ ବିଜ୍ଞାନଶିକ୍ଷକଙ୍କୁ ବଦଳି କରାଯାଉଥିବା ଜାଣି ଅଭିଭାବକମାନେ ଏହାକୁ ବିରୋଧ କରୁଛନ୍ତି। ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ଦେବା ପ୍ରସଙ୍ଗ ଉଠାଯାଉ ନ ଥିବାରୁ ଏଭଳି ବଦଳି ନ କରିବାକୁ ଦାବି କରି ସ୍କୁଲ ମ୍ୟାନେଜମେଣ୍ଟ କମିଟି (ଏସଏମସି)ର ସଭ୍ୟାସଭ୍ୟ ସୋମବାର ସ୍କୁଲ ଫାଟକ ଆଗରେ ଧାରଣା ଦେଇଥିଲେ। କମିଟିର ସଭାପତି କାର୍ତ୍ତିକ ସାହୁ, ସଭ୍ୟା ଆରତୀ ଜେନା, କମଳିନୀ ମହାପାତ୍ର, ସରସ୍ୱତୀ ରଣା, ସଭ୍ୟ ଲକ୍ଷ୍ମୀକାନ୍ତ ସାହୁ, ପରେଶ ପାଣିଗ୍ରାହୀ, ଗଣେଶ ଚନ୍ଦ୍ର ଜେନା ଓ ସେକ ମୀନାର ପ୍ରମୁଖ ଏହି ଧାରଣା ଆଦୋଳନରେ ସାମିଲ ହୋଇଥିଲେ। ଉଲ୍ଲେଖନୀୟ ଯେ, ସ୍କୁଲର ବିଜ୍ଞାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତାବ ଆଗତ ହୋଇଛି। ଏ ସମ୍ପର୍କରେ ଏସଏମସି କର୍ମକର୍ତ୍ତା ଓ ଅଭିଭାବକମାନେ ଜାଣିବା ପରେ ଶିକ୍ଷକ ବଦଳିକୁ ବାତିଲ୍ କରା ନ ଗଲେ ଅଭିଭାବକ ଓ ଛାତ୍ରୀଛାତ୍ର ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଛନ୍ତି।

## ଝୋଟକଳ ଶ୍ରମିକସଂଘର ବାର୍ଷିକ ସମ୍ମିଳନୀ

## ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱ



ସମ୍ମିଳନୀରେ ବିଧାୟକ ମଦନମୋହନ ଦତ୍ତ ଉଦ୍‌ବୋଧନ ଦେଉଛନ୍ତି।

ରୂପ୍‌ସା, ୯।୧୨(ଡି.ଏନ.ଏ.)

ରାଷ୍ଟ୍ରର ଉନ୍ନତି ଶ୍ରମିକଙ୍କ ଉପରେ ନ୍ୟସ୍ତ। ଶ୍ରମିକ ଶକ୍ତିଙ୍କ ଝାଳବୁହା ପରିଶ୍ରମରେ କାରଖାନାର ସର୍ବାଙ୍ଗୀନ ବିକାଶ ସମ୍ଭବ। ଏଥିପାଇଁ କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ବୋଲି ସଦର ବିଧାୟକ ମଦନ ମୋହନ ଦତ୍ତ ତାଙ୍କ ବକ୍ତବ୍ୟରେ କହିଛନ୍ତି।

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଝୋଟ କାରଖାନା ଶ୍ରମିକ ସଂଘର ୨୬ତମ ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଧାୟକ ଦତ୍ତ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ପରାମର୍ଶଦାତା ତପନ ଗିରି, ଉପଦେଷ୍ଟା ଶ୍ରୀଧର ବେହେରା, ଦୟାଳ ପଣ୍ଡା, ସମିତିସଭ୍ୟା ଅଭିପ୍ସା ନାୟକ ଓ ମିଡ଼ିଆ ସଂଯୋଜକ ଗୌରାଙ୍ଗ ଦାସ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଓ କାରଖାନା ସୁପରିଚାଳନା ଦିଗରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସଭାପତି ଦତ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଉପସଭାପତି ଭାବେ ଭାଗବତ ମହାପାତ୍ର, ସାଧାରଣ ସମ୍ପାଦକ ଅନାଦି ପ୍ରଧାନ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, ସହକାରୀ ସମ୍ପାଦକ ବିଶ୍ୱନାଥ ମହାରଣା, ବଂଶୀଧର ବେହେରା ଓ ଶ୍ରୀଧର ନାୟକ, ସଙ୍ଗଠନ ସମ୍ପାଦକ ଜଳଧର ଜେନା, ତନୁଜ ବେହେରା ଓ ହରେନ୍ଦ୍ର ପରିଡ଼ାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏଥିସହ ୧୨ଜଣିଆ କାର୍ଯ୍ୟକାରୀ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସମ୍ପାଦକ ଅନାଦି ପ୍ରଧାନ ବାର୍ଷିକ ବିବରଣୀ ପାଠ ସହ ୭ ଦଫା ଦାବି ଉପସ୍ଥାପନ କରିଥିଲେ। ପୂର୍ବତନ କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଶ୍ରମିକ ନେତା ମନୋରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

# ୧୧୬ ଅଭିଯୋଗର ଶୁଣାଣି

ଖଇରା, ୯।୧୨(ଡି.ଏନ.ଏ.)

ଖଇରା ବ୍ଲକ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅନୁପସ୍ଥିତିରେ ଏସ୍‌ପି ବି. ଯୁଗଳକିଶୋର ମାତ୍ର ଅଧଘଣ୍ଟାଏ ପାଇଁ ଶିବିରରେ ଉପସ୍ଥିତ ରହି ଫେରି ଯାଇଥିଲେ। ଭରପ୍ରାପ୍ତ ଜିଲାପାଳ ସମ୍ବିତ ନାୟକ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାଲାଜୀ ପ୍ରସାଦ ଛୋଟରାୟ, ବିଡିଓ ମହେଶ ଚୌଧୁରୀ ପ୍ରମୁଖ ଯୋଗଦେଇ ୧୧୬ଟି ଅଭିଯୋଗର ଶୁଣାଣି କରିଥିଲେ। ଗାଡି ଚାଳକମାନଙ୍କୁ ଲାଇସେନ୍ସ, ଫିଟନେସ ତଥା ଅନ୍ୟାନ୍ୟ ପ୍ରମାଣପତ୍ର ସୁବିଧାରେ ଯୋଗାଇ ଦେବାକୁ ଖଇରାରେ ପରିବହନ ବିଭାଗ ତରଫରୁ ଅତିରିକ୍ତ କାଉଣ୍ଟର ଖୋଲିବାକୁ ଖଇରା ଜନଜାଗରଣ ମଞ୍ଚର ସଭାପତି ଉମେଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହିଭଳି ନିକଟରେ ରେମୁଣା ଥାନାକୁ ବଦଳି ହୋଇଥିବା ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କର ବଦଳି ବାତିଲ ପାଇଁ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ବିଭିନ୍ନ ଦଳର ନେତୃବୃନ୍ଦ ଏସ୍‌ପିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସେହିଭଳି ସେପ୍ଟେମ୍ବରରୁ ବଦଳି ହୋଇଥିବା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ କେତେକ ଲୋକପ୍ରତିନିଧି ସିଡିଏମ୍‌ଓଙ୍କୁ ଜଣାଇଥିଲେ। ବର୍ତ୍ତନା ପଞ୍ଚାୟତ ଅଧୀନ ପଦୁନାଠାରେ ୨୦୧୧ ମସିହାରୁ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ବାରମ୍ବାର ଅଚଳ ହେଉଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସରପଞ୍ଚ ସୁଶାନ୍ତ କୁମାର ମିଶ୍ର ଏବଂ ସମିତିସଭ୍ୟ ରଘୁନାଥ ପଣ୍ଡା ଲିଖିତ ଭାବେ ଜଣାଇଥିଲେ। ସେହିଭଳି ଗରସଙ୍ଗ ପଞ୍ଚାୟତ ଅଧୀନ ଓଳିହାରୁ ଗରସଙ୍ଗ ପର୍ଯ୍ୟନ୍ତ ଯାଇଥିବା କେନାଲର ପୁନରୁଦ୍ଧାର କରିବା ସହ ସେଠୀସାହି ନିକଟରେ ପୋଲ ନିର୍ମାଣ କରିବାକୁ ବିଭିନ୍ନ ଗ୍ରାମରୁ ନକୁଳ ସାହୁ, କୃଷ୍ଣଚନ୍ଦ୍ର ଜେନା, ଅନନ୍ତ ବାରିକ, ଗଣେଶ ପ୍ରସାଦ ବାରିକ ପ୍ରମୁଖ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଖଇରା ବଜାର ଆଳଦା ମୌଜାରେ ଶ୍ମଶାନ ଓ ପାଣିନାଳକୁ କେତେକ ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ବାରମ୍ବାର ଦାବି ସତ୍ତ୍ୱେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜସ୍ୱ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବା ଆଳଦା ଗ୍ରାମର ପଦ୍ମଲୋଚନ ଦାସ ଅଭିଯୋଗ କରିଥିଲେ। ସେହିଭଳି ୨ବର୍ଷ ନ ପୂରୁଣୁ ଅଚ୍ୟୁତପୁର-ଡଗରପଡା ପ୍ରଧାନମନ୍ତ୍ରୀ ରାସ୍ତା ଗର୍ତ୍ତପୂର୍ଣ୍ଣ ହୋଇଯାଇଥିବାରୁ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା ମରାମତି ପାଇଁ ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୫ବର୍ଷ ମଧ୍ୟରେ ୮ରୁ ଅଧିକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ୧୦ପ୍ରତିଶତ ଲୋକଙ୍କୁ ବି ଏହାର ଫାଇଦା ମିଳୁ ନ ଥିବା ଶିକ୍ଷାବିତ୍ ଉମେଶ ନାୟକଙ୍କ ସମେତ ବହୁ ବ୍ୟକ୍ତି ଅଭିଯୋଗ କରୁଛନ୍ତି।

## ସଂକ୍ଷେପରେ

### ଅବସର ପ୍ରାପ୍ତ ଶିକ୍ଷକଙ୍କ ପେନ୍‌ସନ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ପାଟଣା,୯।୧୨(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ବଜାର ଉପରୁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ସୋମବାର ପୂର୍ବାହ୍ନରେ କେହି ଦୁର୍ବୃତ୍ତ ୩୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଶିକ୍ଷକ ଜଣକ ହେଉଛନ୍ତି ବାରିଆ ଥାନା ଜ୍ୟୋତିପୁର ଗ୍ରାମର ପୁରନ୍ଦର ମହାନ୍ତ। ସେ ସୋମବାର ସ୍ଥାନୀୟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ନିଜ ପେନସନ ଟଙ୍କାରୁ ୩୦ ହଜାର ଟଙ୍କା ଉଠାଇ ଆଣି ଏକ ଠେଲା ଗାଡିରୁ ଜଳଖିଆ ଖାଇବା ବେଳେ ଏକ ଚେୟାର ଉପରେ ଟଙ୍କା ବ୍ୟାଗକୁ ରଖିଦେଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଶିକ୍ଷକଙ୍କ ପେନସନ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୪୦/ ୧୯) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୀରେନ୍ଦ୍ର ଶିଆଳ କହିଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ବିଡିଓ

**ହାଟଡିହୀ,୯। ୧୨(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ନୂତନ ବିଡିଓ ଭାବେ ଜୟଦେବ ଦାସ ସୋମବାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ କନ୍ଧମାଳ ଜିଲା ତୁମୁଡିବନ୍ଧରେ କାର୍ଯ୍ୟ କରୁଥିଲେ। ହାଟଡିହୀ ବ୍ଲକରେ ଥିବା ବିଡିଓ ସୁଶାନ୍ତ ବାରିକଙ୍କର ସୋର ବ୍ଲକକୁ ବଦଳି ହୋଇଛି। ଏନେଇ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଚିଠି ନଂ ୨୦୫୮୪/୧୧।୨୦୧୯ରେ ନିର୍ଦ୍ଦେଶନାମା ପ୍ରକାଶ ହୋଇଥିଲା। ୩୦ ଦିନ ପରେ ବିଡିଓ ଦାସ ଯୋଗଦାନ କରିଛନ୍ତି। ଏଥିରେ ଆନନ୍ଦପୁର ଏମ୍‌ପିଙ୍କ ପ୍ରତିନିଧି ଶାନ୍ତନୁ ସେଠୀ, ବୁଦ୍ଧଦେବ ଜେନା, ଯୋଗେନ୍ଦ୍ର ବେହେରା, ବୀରେନ୍ଦ୍ର ବିଶ୍ୱାଳ, କାମପାଳ ନାୟକ, ମଦନ ଦାସ, ଭୀମ ପେରେଇ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ନୂତନ ବିଡିଓ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**ତେଲକୋଇ, ୯।୧୨(ଡି.ଏନ.ଏ.)**- ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗୀ ପଞ୍ଚାୟତ ଅଞ୍ଚଳରେ ଜଣେ ବିବାହିତ ପୁରୁଷ ଜଣେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର କରିଛନ୍ତି। ଏନେଇ ରବିବାର ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ସଂପୃକ୍ତ ଅଭିଯୁକ୍ତ ସରୋଜ ପଟନାୟକ (୨୮)ଙ୍କୁ ଗିରଫ କରିବା ପରେ ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ଜଣାପଡିଛି। ଏନେଇ ପୋଲିସ ଏକ ମାମଲା (ନଂ.୧୭୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ଫାଙ୍କା ଗୁଳି ଚାଳନା ଘଟଣା
### ୨ ଗିରଫ: ବନ୍ଧୁକ, ଗୁଳି ଜବତ

**ହାଟଡିହୀ/ଆନନ୍ଦପୁର,୯।୧୨(ଡି.ଏନ୍.ଏ. /ସ୍ୱ.ପ୍ର.)**- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନାପଦୀ ବଜାରରେ ଗତ ରବିବାର ସନ୍ଧ୍ୟାରେ ଦୁଇ ଜଣ ଯୁବକ ଗଣ୍ଡଗୋଳ ଲାଗି ଫାଙ୍କା ଗୁଳି ଚାଳନା କରିଥିଲେ। ଏହି ଘଟଣାରେ ଆନନ୍ଦପୁର ଏସଡିପିଓ ବିଦ୍ୟୁତ ପଣ୍ଡା ସୋମବାର ଘଟଣାର ଅନୁଧାନ କରି ୨ଜଣଙ୍କୁ ଗିରଫ କରିଛି। ପୋଲିସ ଏନେଇ ଏକ ମାମଲା (ନଂ ୧୨୩/୨୦୧୯) ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ତରଫରୁ ସୁଚନା ମିଳିଛି। ସେମାନଙ୍କ ଠାରୁ ପୋଲିସ ଗୋଟିଏ ବନ୍ଧୁକ, ତିନୋଟି ଜୀବନ୍ତ ଗୁଳି, ଦୁଇଟି ଫୋନ୍ ଓ ଗୋଟିଏ କାର ଜବତ କରିଛି।

### କିନ୍‌ଝୀର୍ ଦିଶାମ୍ ଜହେରଗଲ ସଦସ୍ୟଙ୍କ ବୈଠକ

**ଝୁମ୍ପୁରା, ୯।୧୨ (ଡି.ଏନ.ଏ.)**- କିନ୍‌ଝୀର୍ ଦିଶାମ୍ ଜହେରଗଲ୍ ସଦସ୍ୟଙ୍କ ଏକ ଜରୁରୀ ବୈଠକ ଆଦିବାସୀ ଅଧୁଷିତ ତଥା ଜଙ୍ଗଲାଞ୍ଚଳରେ ଅବସ୍ଥିତ ସିଲିସୁଆଁ ଗ୍ରାମ ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପାର୍ଗାନା ସମ୍ବରା ଟୁଡୁଙ୍କ ଅଧକ୍ଷତାରେ ଏହି ବୈଠକରେ କିନ୍‌ଝୀର୍ ଦିଶାମ୍ ଜହେରଗଲ୍ କମିଟିର ସମସ୍ତ ସଦସ୍ୟଙ୍କ ସହିତ କେନ୍ଦୁଝର ଜିଲାର ମାଝି ବାବା, ନାୟକେ ବାବା, ପାରନିକ ବାବା, ଗଡତେ ବାବା, ଆସେକା ରାଇରଙ୍ଗପୁର ଏବଂ ଆସେକା ଶାଖା କାର୍ଯ୍ୟାଳୟ ଭୁବନେଶ୍ୱରର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହାବ୍ୟତୀତ କେନ୍ଦୁଝର ଜିଲାରେ ଏକ ଆସେକା ଶାଖା କାର୍ଯ୍ୟାଳୟ ଖୋଲାଯିବା ସହିତ ମାଝିବାବାମାନେ ଭାରତଯାକାତ ମାଝୀ ପାରଗାନା ମହଲରେ ପଞ୍ଜୀକୃତ ହେବା ପାଇଁ ନିବେଦନ କରାଯାଇଥିଲା।

# ଅନ୍ୟ ଲାଗି ପ୍ରେରଣା ସାଜିଛନ୍ତି ସୁଲଣର ଯୁବଗୋଷ୍ଠୀ

**ଶୁଭକାନ୍ତ ନାୟକ**
**ହାଟଡିହୀ,୯।୧୨**

- ସଂଗଠନ ବଢାଇ ଚାଲିଛନ୍ତି ଉମାକାନ୍ତ
- ଗରିବଙ୍କୁ ମିଳୁଛି ସହାୟତା, ସହଯୋଗର ହାତ
- ଗାଁ ଚାରିପାଖରେ ସବୁଜ ବଳୟ ସୃଷ୍ଟି ଲକ୍ଷ୍ୟ

ସମାଜସେବା କରିବା ସକାଶେ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରି ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ଉମାକାନ୍ତ। ସେ ନିଜ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ଏକାଠି ନିଜ ଗ୍ରାମ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁଲଣରେ ମା' ତାରିଣୀ ସେବା ସଂସ୍ଥାନ ନାମରେ ଏକ ସଂଗଠନ ଗଢିଛନ୍ତି। ଏହି ସଂସ୍ଥା ଜରିଆରେ ସେ ଗରିବ ଓ ଅସହାୟଙ୍କ ପ୍ରତି ସହାୟତାର ହାତ ବଢାଇବା ସହ ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ ଭଳି ବିଭିନ୍ନ କାର୍ଯ୍ୟ କରୁଛନ୍ତି। ନିଜ ଗାଁ ସମେତ ଆଖପାଖ ଅଞ୍ଚଳକୁ ସବୁଜିମା ମଣ୍ଡିତ କରିବା ଲକ୍ଷ୍ୟରେ ଆଗକୁ ଆଗକୁ ପାଦ ବଢାଇ ଚାଲିଛନ୍ତି ଏହି ଯୁବ ଗୋଷ୍ଠୀ । ସେମାନେ ଗରିବ ରୋଗୀଙ୍କୁ ବିଭିନ୍ନ ଡାକ୍ତରଖାନା ନେଇ ଜରୁରିକାଳୀନ ଚିକିତ୍ସାସେବା ଯୋଗାଇବା ସହ ନିୟମିତ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ଅସହାୟ ଗରିବ ଶିଶୁଙ୍କ ନିକଟକୁ ଯାଇ ଖାଦ୍ୟ, ବସ୍ତ୍ର, ଖେଳନା ବଣ୍ଟନ କରନ୍ତି ଉମାକାନ୍ତ। ଆଗାମୀ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ସେବାମୂଳକ କାର୍ଯ୍ୟ ଜାରି ରଖିବା ସକାଶେ ଏହି ଯୁବଗୋଷ୍ଠୀ ସଙ୍କଳ୍ପ ନେଇ ଆଖପାଖ ଗାଁର ଯୁବଗୋଷ୍ଠୀ ଲାଗି ପ୍ରେରଣା ସାଜିଛନ୍ତି।



ସେବା କାର୍ଯ୍ୟ କଲେ ଯେଉଁ ଆତ୍ମସନ୍ତୋଷ ମିଳେ, ସେଭଳି ଆନନ୍ଦ ଆଉ କେଉଁଥିରୁ ମିଳେନି । ବର୍ତ୍ତମାନର ଯୁବଗୋଷ୍ଠୀ ଚାକିରି ପଛରେ ଗୋଡାଇ ସେବାମୂଳକ କାର୍ଯ୍ୟରୁ ଦୂରେଇ ରହୁଛନ୍ତି, ଯାହାକି ଏକ ବିଡମ୍ବନା। ସେ ଛାତ୍ର ଜୀବନରୁ ସେବାକାର୍ଯ୍ୟ କରିବା ଲାଗି ସଙ୍କଳ୍ପ ନେଇ ପରେ ଅନ୍ୟମାନଙ୍କୁ ପ୍ରଭାବିତ କରି ସେମାନଙ୍କ ଦୁଃଖସୁଖରେ ସାଥୀ ହେବା ସହ ଗରିବ ଲୋକଙ୍କୁ ସହାୟତା କରି ଆସୁଛନ୍ତି। ସରକାରୀ ସହାୟତାକୁ ଅପେକ୍ଷା ନ କରି ସେମାନେ ନିଜ ଚେଷ୍ଟାରେ ଏହି କାର୍ଯ୍ୟ କରୁଛନ୍ତି। ଛାତ୍ର ଜୀବନରୁ ସାଂଗଠନିକ ଦକ୍ଷତାର ପରିଚୟ ଦେଇଥିବା ଉମାକାନ୍ତ ଏହି ସୂଚନା ଦେଇ କହିଛନ୍ତି, ଜଣେ ଅସହାୟ ବୃଦ୍ଧ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଯାଉଥିବା ସେ ଦେଖି ବ୍ୟଥିତ ହୋଇଥିଲେ। ଏହା ତାଙ୍କ ମାନସିକ ସ୍ଥିତିକୁ ପ୍ରଭାବିତ କରିଥିଲା। ସେବେ ଠାରୁ ସେବା, ବୃକ୍ଷରୋପଣ ଓ ରକ୍ତଦାନକୁ ସେ ନିଜ ଜୀବନର ଲକ୍ଷ୍ୟ ବୋଲି ବାଛି ନେଇଛନ୍ତି।

ହାଟଡିହୀ ବ୍ଲକ ସୁଲଣ ଗ୍ରାମର କୃଷ୍ଣଚନ୍ଦ୍ର ରାଉତଙ୍କ ପୁଅ ଉମାକାନ୍ତ। ବୟସ ୨୬ ବର୍ଷ । ଭଦ୍ରକ ବିଏନଏମଏ କଲେଜରୁ ଯୁକ୍ତ ୩ ବାଣିଜ୍ୟ ପାସ୍ କରି ୨୦୧୪ରୁ ଡାକ ବିଭାଗ ଅଧୀନରେ କାର୍ଯ୍ୟ କରୁଛନ୍ତି। ଚାକିରି ତାଙ୍କ ବୃତ୍ତି ହେଲେ ବି ସେ ଅବସର ସମୟକୁ ସମାଜସେବା କାର୍ଯ୍ୟରେ ଲଗାଇଆସୁଛନ୍ତି। ନିଜ ଗାଁ ଅନୁଷ୍ଠାନ ବ୍ୟତୀତ ସେ ପ୍ରାୟ ୩୦ଟି ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହିଛନ୍ତି। ନିଜ ଗ୍ରାମ ସଂଗଠନ ଜରିଆରେ ଅଦ୍ୟାବଧି ସେ ଦୁଇ ଶହରୁ ଅଧିକ ଅସହାୟ ଗରିବଙ୍କୁ ଆନନ୍ଦପୁର, କେନ୍ଦୁଝର, କଟକ, ଭୁବନେଶ୍ୱର ପ୍ରଭୃତି ସ୍ଥାନର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଛନ୍ତି। ପରିବେଶରେ ସନ୍ତୁଳନ ରକ୍ଷା ସହ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ ଲାଗି ତାଙ୍କ ସଙ୍ଗଠନ ସଚେତନତା ସୃଷ୍ଟି କରୁଛି। ଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ ଲାଗି ଉତ୍ସାହିତ କରିବା ସହିତ ବିଭିନ୍ନ ଗ୍ରାମକୁ ଯାଇ ଯୁବପିଢିଙ୍କୁ ଏଥିଲାଗି ଉତ୍ସାହିତ କରୁଛନ୍ତି। ମା' ତାରିଣୀ ସେବା ସଂସ୍ଥାନର ସମସ୍ତ ସଦସ୍ୟ ଏଭଳି ସମାଜସେବା କାର୍ଯ୍ୟ ଲାଗି ଅଞ୍ଚଳବାସୀଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଜିଲା ବ୍ୟତୀତ ବାହାର ଜିଲାର ବିଭିନ୍ନ ଅନୁଷ୍ଠାନ ତରଫରୁ ଏଥିଲାଗି ଉମାକାନ୍ତଙ୍କୁ ମଳିଛି ବହୁ ସମ୍ବର୍ଦ୍ଧନା ଓ ସମ୍ମାନ।

ଅସହାୟ ଗରିବ ଶିଶୁଙ୍କୁ ଖେଳନା ଦେଉଛନ୍ତି ଉମାକାନ୍ତ।

## ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ
# ୪ ବଖରା ଭସ୍ମୀଭୂତ

**ଆନନ୍ଦପୁର/ପାଟଣା, ୯।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବେଲଦା ଗ୍ରାମରେ ସୋମବାର ସକାଳ ସମୟରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ଗ୍ରାମର ସାଧୁ ନାୟକଙ୍କ ପୁଅ ଶଶିକାନ୍ତ ନାୟକଙ୍କ ଚାଳ ଛପର ଘରେ ସକାଳ ସମୟରେ ରୋଷେଇ ଚାଲିଥିବାବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଘସିପୁରା ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅସହାୟ ପରିବାରବର୍ଗଙ୍କୁ ପଞ୍ଚାୟତ ତରଫରୁ ଚାଉଳ ଦେବାର ବ୍ୟବସ୍ଥା କରିଥିବାବେଳେ, ସ୍ଥାନୀୟ ଆରଆଇ ପଲିଥିନ ଦେବାର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଘସିପୁରା ବ୍ଲକ ଚେୟାରମ୍ୟାନ ସୁଜାତା ସାହୁ ଅସହାୟ ପରିବାରବର୍ଗଙ୍କୁ ସାକ୍ଷାତ କରି ପଲିଥିନ, ଶାଢି ଓ ଖାଦ୍ୟ ଦେବାର ବ୍ୟବସ୍ଥା ଗ୍ରହଣ କରିଥିବା ଜଣାପଡ଼ିଛି।

ସେହିପରି କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ସାହାରପଡା ବ୍ଲକ ଖୁଣ୍ଟାପିଙ୍ଗୁ ଗ୍ରାମ ଉପର ସାହିରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ବିଧବା ମହିଳା ଜିଙ୍ଗି ମୁଣ୍ଡାଙ୍କର ଦୁଇ ବଖରା ନଡ଼ାଛପର ଘର ସମ୍ପୂର୍ଣ୍ଣ ପୋଡି ଯାଇଛି। ଏଥି ସହିତଘରେ ଅମଳ ହୋଇରହିଥିବା ୧୫ ବସ୍ତା ଧାନ ମଧ ପୋଡି ଯାଇ ନଷ୍ଟ ହୋଇଯାଇଛି। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣା ପଡିଛି। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଛି। ଜିଙ୍ଗି ଜଣେ ଅସହାୟ ବିଧବା ମହିଳା ହୋଇଥିବାରୁ ତାଙ୍କୁ ଖୁବ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଲୁହାପଥର ବୋଝେଇ ୬ ଡମ୍ପର ଜବତ ଘଟଣା: ଜଣେ ଦଲାଲ ଗିରଫ

**ବଡବିଲ, ୯।୧୨ (ସ୍ୱ.ପ୍ର.)**



ଗିରଫ ଅଭିଯୁକ୍ତ ଦଲାଲ।

କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଗତ ନଭେମ୍ବର ୨୬ ତାରିଖରେ ରାଜ୍ୟ ସୀମାନ୍ତ ନାଲଦାରୁ ଲୁହାପଥର ବୋଝେଇ ୬ଟି ଡମ୍ପର ଜବତ କରିବା ଘଟଣାରେ ଗତ ଡିସେମ୍ବର ୫ ତାରିଖରେ ଖଣି କମ୍ପାନୀର ରିସିଭର ଓ ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଥିଲାବେଳେ ସୋମବାର ଜଣେ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦଲାଲ ଅଭିଯୁକ୍ତ ଜଣକ ହେଲେ ଯୋଡା ଥାନା ଅନ୍ତର୍ଗତ ମୁଖାର୍ଜୀ ହଟିଂର ସନ୍ତୋଷ ପରିଡା। ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି ଯେ, ଅଭିଯୁକ୍ତ ସନ୍ତୋଷ ଜବତ ଗାଡି ଗୁଡିକରୁ ଚାଲାଣ ସଂଗ୍ରହ କରି ରେଳ ସାଇଡିଂରେ ରିସିଭ କରି ଆଣୁଥିଲେ ଓ ସେଥିପାଇଁ ତାଙ୍କୁ ଚାଲାଣ ପିଛା ୫ଶହ ଟଙ୍କା ମିଳୁଥିଲା। ତେବେ ଇତି ମଧରେ ୧୫ ଦିନ ବିତିବାକୁ ବସିଥିଲେହେଁ ଚୋରାଚାଲାଣକାରୀ ଡମ୍ପରର ମାଲିକ, ଡ୍ରାଇଭରଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି।

# ଫାଣ୍ଡି ସମ୍ମୁଖ ମନ୍ଦିରର ଦାନବାକ୍ସ ତାଡ଼ି ଚୋରି

**ବଡବିଲ, ୯।୧୨(ସ୍ୱ.ପ୍ର.)**



ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ କରୁଛି।

କେନ୍ଦୁଝର ଜିଲା ବଡ଼ବିଲ ପୋଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ। ରବିବାର ବିଳମ୍ବିତ ରାତିରେ ବଡ଼ବିଲ ଥାନା ଅଧୀନରେ ଥିବା ଟାଉନ ଫାଣ୍ଡି ନମ୍ବର-୧ ସମ୍ମୁଖରେ ଥିବା ହରିହର ମନ୍ଦିର ପରିସରରେ ଥିବା ଦାନ ବାକ୍ସକୁ କେହି ଦୁର୍ବୃତ୍ତ ତାଡି ଦାନ ଅର୍ଥ ଚୋରି କରିନେଇଥିବା ଜଣାପଡିଛି। ଖବରପାଇ ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ଓ ଏସଡିପିଓ ସତ୍ୟବିକାଶ ଭୂୟାଁ ସଦଳବଳ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଜାରି ରଖିଥିଲେହେଁ ଅପରାଧୀଙ୍କ ଟେର ମିଳିପାରିନାହିଁ। ମନ୍ଦିର ସମ୍ମୁଖରେ ଥିବା ଫାଣ୍ଡିରେ ପୋଲିସ କର୍ମଚାରୀମାନେ ଠିକ ଭାବେ ଡ୍ୟୁଟି ନ କରି ରାତିରେ ଶୋଇପଡୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଆଇଆଇସି ଦାଶ କୁହନ୍ତି ଯେ, ରବିବାର ବିଳମ୍ବିତ ରାତିରେ

### ପୋଲିସର ତଦନ୍ତ ଜାରି

ସେ ଫାଣ୍ଡି ପରିଦର୍ଶନରେ ଆସିଥିଲାବେଳେ ଫାଣ୍ଡିର କର୍ମଚାରୀମାନେ ଶୋଇପଡିଥିବା ଦେଖିଥିଲେ ଓ ଫାଣ୍ଡିର ରେଜିଷ୍ଟରରେ ତାହା ଉଲ୍ଲେଖ କରିଛନ୍ତି। ତେବେ ଦାନ ବାକ୍ସଟିକୁ ମାସକରେ ଥରେ ଖୋଲାଯାଉଥିବାରୁ ସେଭଳି ଅଧିକ ଅର୍ଥ ନ ଥିବା ମନ୍ଦିର କମିଟି ସଭାପତି ତଥା ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି। ହେଲେ ସମ୍ମୁଖରେ ଫାଣ୍ଡି ଥାଇସୁଦ୍ଧା ପ୍ରତି ବର୍ଷ ମନ୍ଦିରର ଦାନବାକ୍ସ ତାଡି ଚୋରି ହୋଇ ଦୁର୍ଭାଗ୍ୟଜନକ ବୋଲି ତହସିଲଦାର କହିଛନ୍ତି। ଗତ ବର୍ଷ ମଧ ଅନୁରୂପ ଭାବେ ଦାନବାକ୍ସ ତାଡି ଚୋରି ହୋଇଥିଲା। ତେବେ ବାକ୍ସରେ ଦାନ ଅର୍ଥର ହିସାବ ଆକଳନ କରାଯାଇ ପାରି ନ ଥିବାବେଳେ ଫାଣ୍ଡି ସମ୍ମୁଖରୁ ଚୋରି ନେଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ବ୍ୟଥିତ କରିଛି।

## ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର ସମ୍ପର୍କରେ ସଚେତନତା

**ଆନନ୍ଦପୁର,୯।୧୨(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ପରିସରରେ ଦୁର୍ଘଟଣାରୁ ପୀଡିତମାନଙ୍କୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ମିଳିତ ଭାବେ ବିଭିନ୍ନ ପଦ୍ଧତି ସମ୍ପର୍କରେ ନମୁନା ପ୍ରଦର୍ଶନ କରିଥିଲେ। ଆନନ୍ଦପୁର ବ୍ଲକ ବିଡିଓ ଶୁଭ୍ରବାଳା ବେହେରା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ୟା ସମୟରେ ନଦୀରେ ଭାସିଯାଉଥିବା ଲୋକ, ଦୁର୍ଘଟଣାରେ ଆହତ, ସାପ କାମୁଡ଼ାରେ ଆହତ ଲୋକମାନଙ୍କୁ କିପରି ଉଦ୍ଧାର କରାଯାଇପାରିବ ସେନେଇ ସଚେତନ କରାଯାଇଥିଲା। ଆନନ୍ଦପୁର ବ୍ଲକ ବିଜୁ ଯୁବ ବାହିନୀ ସଦସ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ, ଓଡ୍ରାଫ୍ ଟିମ୍ ସଦସ୍ୟମାନେ ଉଦ୍ଧାର କୌଶଳ ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରୀଛାତ୍ର ଓ ଲୋକମାନଙ୍କୁ ଏହାର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ।

## ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଗ୍ନି ନିର୍ବାପନ ତାଲିମ



ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଗ୍ନି ନିର୍ବାପନ ତାଲିମ ଦିଆଯାଉଛି।

**ଚମ୍ପୁଆ, ୯।୧୨(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଶିକ୍ଷାବିଭାଗ ପକ୍ଷରୁ ବିଦ୍ୟାଳୟ ଗୁଡିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଲଗାଇ ଅଗ୍ନି କାଣ୍ଡରୁ ରକ୍ଷାକରିବା ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ, ଏବିଓ ନରେନ୍ଦ୍ର ନାଏକ ଯୋଗ ଦେଇଥିବାବେଳେ କଲ୍ୟାଣ ସେଲ୍ସ ଆଣ୍ଡ ସର୍ଭିସର ପି.କେ ଦାସ ଓ ଶୁମିତ ଦାସ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ମହତାବ ଉଚ୍ଚ ବିଦ୍ୟାଳୟଠାରେ ଚମ୍ପୁଆ ବ୍ଲକ ଶିକ୍ଷାବିଭାଗର ୬ଗୋଟି କ୍ଲଷ୍ଟରର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରି ଅଗ୍ନି ନିର୍ବାପକ କ'ଣ ଓ ଏହା କିପରି ବ୍ୟବହାର କରାଯିବ ସେ ସମ୍ବନ୍ଧରେ ତାଲିମ ନେଇଥିଲେ। ପ୍ରାୟ ୭୦ଟି ବିଦ୍ୟାଳୟରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଡିଆରେ ଏହାର ଡେମୋ ପ୍ରଦର୍ଶନ କରାଯାଇ ନିଆଁ ଲାଗିଲେ କିପରି ଏହି ଗ୍ୟାସର ବ୍ୟବହାର କରାଯିବ ଦେଖାଯାଇଥିଲା।

# ବକେୟା ଦାବିରେ ଖଣି କମ୍ପାନୀ କାର୍ଯ୍ୟାଳୟରେ ଶ୍ରମିକଙ୍କ ଆନ୍ଦୋଳନ

**ବଡବିଲ, ୯।୧୨ (ସ୍ୱ.ପ୍ର.)**




ଖଣି କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ଶ୍ରମିକ।

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ଟଣ୍ଟୋସ୍ଥିତ ଖଣି କମ୍ପାନୀର ବଡବିଲ ଥାନା ଅନ୍ତର୍ଗତ ସେରେଣ୍ଡାସ୍ଥିତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରମିକମାନେ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏଆଇଟିୟୁସି ଅନୁବନ୍ଧିତ ମେସ୍କୋ ୱାର୍କର୍ସ ୟୁନିୟନର ସମ୍ପାଦକ ସନ୍ତୋଷ ମହାନ୍ତଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଦାବି ପୂରଣ ନ ହେବା ଯାଏ ଚାଲୁ ରହିବ ବୋଲି ଜଣାପଡିଛି। ୟୁନିୟନର ସଭାପତି ସାଧାରଣ ସମ୍ପାଦକ ମହେଶ୍ୱର ରାଉତ କହିଥିଲେ ଯେ, କମ୍ପାନୀର ଶ୍ରମିକମାରଣ ନୀତିକୁ

### ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା

ସମାଲୋଚନା କରି ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନକୁ ଜାରି ରଖିବାକୁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଆନ୍ଦୋଳନରେ ୱାର୍କର୍ସ ୟୁନିୟନର ସନ୍ତୋଷ ମହାନ୍ତ ଓ ପ୍ରଶାନ୍ତ ପଲେଇ ପ୍ରମୁଖ ଖଣି କମ୍ପାନୀର ମୋଟ ୧୬୦ଜଣ ଶ୍ରମିକଙ୍କୁ ନେଇ ଆନ୍ଦୋଳନ ଆରମ୍ଭ କରିଛନ୍ତି।

## ଭରତଙ୍କ ସ୍ମୃତିଚାରଣ

**କେନ୍ଦୁଝର, ୯।୧୨(ଡି.ଏନ୍.ଏ.)**

କେନ୍ଦୁଝର ସହରର ଧରିତ୍ରୀ ଖବରକାଗଜର ଏଜେଣ୍ଟ ଭରତ ଚନ୍ଦ୍ର ଦାସଙ୍କ ଏକାଦଶାହ ଉପଲକ୍ଷେ ପବିତ୍ରଡିହାସ୍ଥିତ ବାସଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ସହରର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଏବଂ ଖବରଦାତା ଯୋଗଦେଇ ସ୍ୱର୍ଗତ ଭରତ ଚନ୍ଦ୍ର ଦାସ ଜଣେ ବନ୍ଧୁବତ୍ସଳ ଏବଂ ସଫଳ ଏଜେଣ୍ଟ ଥିଲେ। ଶେଷରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ରନ୍ଧନ ଗ୍ୟାସ୍ ଯୋଗାଣରେ ବିଳମ୍ବ ଅଭିଯୋଗ

**କେନ୍ଦୁଝର, ୯।୧୨ (ସ୍ୱ.ପ୍ର.)**

ସଦର ଥାନା ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତ ଛେମୁଣ୍ଡିବିର ଗ୍ରାମର ଲୋକଙ୍କୁ ଉଜ୍ୱଳ ଯୋଜନାରେ ରନ୍ଧନ ଗ୍ୟାସ ଯୋଗଇଦେବାକୁ ବିଳମ୍ବ ହେଉଥିବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଗ୍ୟାସ ପାଇଁ ସ୍ଥାନୀୟ ଏକ ଗ୍ୟାସ ଏଜେନସିକୁ ବ୍ୟାଙ୍କ ପାସ ବୁକ, ରାଶନ କାର୍ଡ, ଫଟୋ ଆଦି ଆବଶ୍ୟକ କାଗଜପତ୍ର ଜମା ଦେଇଥିଲେ ହେଁ ପ୍ରାୟ ୧୨ ଦିନ ବିତିଯାଇଥିଲେ ହେଁ ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଏନେଇ ଏଜେନ୍ସି ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇ ଜଣାଇଛନ୍ତି।

## ହରିଶ୍ଚନ୍ଦ୍ର ଯୋଜନା ବାଟବଣା
# ମିଳୁନି ତତ୍କାଳ ଶବଦାହ ପାଇଁ ଟଙ୍କା

**ରାଇସୁଆଁ, ୯।୧୨(ଡି.ଏନ.ଏ.)**

ସରକାର ଗରିବ ମୃତକଙ୍କ ପରିବାରର ଆର୍ଥିକ ଉନ୍ନତି ଏବଂ ଶବଦାହ ପାଇଁ ୨୦୧୩ ମସିହାରୁ ହରିଶ୍ଚନ୍ଦ୍ର ଯୋଜନା କରିଛନ୍ତି। ମାତ୍ର କେନ୍ଦୁଝର ଜିଲାରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା ହେବାରେ ଲାଗିଛି। ଜିଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ କେନ୍ଦୁଝର ଜିଲାର ସଦର ବ୍ଲକର ୨୫ଟି ପଞ୍ଚାୟତ ମଧ୍ୟରେ ୪ହଜାରରୁ ଉର୍ଦ୍ଧ୍ୱ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ସୁଫଳ ମିଳିନି। ନିୟମ ଅନୁସାରେ ଶବଦାହ ପାଇଁ ଗ୍ରାମାଞ୍ଚଳରେ ତତ୍କାଳ ୨ହଜାର ଟଙ୍କା ସହରାଞ୍ଚଳରେ ୩ହଜାର ଟଙ୍କା ଏବଂ ପରେ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ୨୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ମିଳିବା କଥା। ମାତ୍ର ବର୍ଷବର୍ଷ ବିତିଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ବହୁ ଗରିବ ମୃତକଙ୍କ ପରିବାରକୁ ମିଳିନି ହରିଶ୍ଚନ୍ଦ୍ର ଯୋଜନାର ସୁଫଳ। ଏହି ବିଷୟରେ ବହୁ ସରପଞ୍ଚଙ୍କୁ ପଚାରିବାରୁ ସେମାନେ କହିଲେ ପ୍ରଶାସନ ତରଫରୁ ଆମକୁ ୨୦୧୭ ମସିହାରୁ ହରିଶ୍ଚନ୍ଦ୍ର ଯୋଜନା ପାଇଁ ଅର୍ଥ ଯୋଗାଇ ଦିଆଯାଇ ନାହିଁ ଫଳରେ ଆମ୍ଭେମାନେ ମୃତକଙ୍କ ପରିବାରକୁ ଶବଦାହ ପାଇଁ ତତ୍କାଳ ଟଙ୍କା ଦେଇ ପାରୁ ନାହୁଁ। ୩ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ହରିଶ୍ଚନ୍ଦ୍ର ଟଙ୍କାକୁ ଚାହିଁ ବସିଛୁ ମାତ୍ର ଆଜିଯାଏ ମିଳିପାରୁନି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବଳଦେବଜୀଉଙ୍କୁ ଲାଗି ହେଲା ୧୦୮ରୁ ଉର୍ଦ୍ଧ୍ୱ ବ୍ୟଞ୍ଜନ

**କେନ୍ଦୁଝର, ୯।୧୨( ସ୍ୱ.ପ୍ର.)**



କେନ୍ଦୁଝର ପୁରୁଣା ସହର ସିଧମଠ ଠରେ ଥିବା ପ୍ରସିଦ୍ଧ ବଳଦେବଜୀଉ ମନ୍ଦିରରେ ସୋମବାର ପ୍ରତିବର୍ଷ ଭଳି ବ୍ୟଞ୍ଜନ ଦ୍ୱାଦଶୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜୀଉଙ୍କ ନିକଟରେ ସମୁଦାୟ ୧୦୮ରୁ ଉର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପୂଜା କରାଯାଇଛି। ଶ୍ରୀ ଜୀଉଙ୍କ ପାଖରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିବା ପୂଜକ ମଧୁସୂଦନ ମିଶ୍ର କହିଛନ୍ତି। ଏହି ପୂଜା ଦେଖିବାକୁ ଓ ପ୍ରସାଦ ସେବନ କରିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ଭଜା ଖେଚୁଡ଼ି, କର୍ପୂର କେଳି, ଚାଟ ମନୋହର, ଖିରି, କଜର, ମଣ୍ଡା, ଆରିସା, ପୋଡ଼ ପିଠା, ଝିଲି, ଅମାଲୁ, କ୍ଷୀର ଫେଣି, ମିଷ୍ଟାନ୍ନ, ପଣା, ଶାଗ, କୋରା, ଉଖୁଡା, ମୁଆ, ପାଲୁଅ, କାକରା, ଫଳ, କାନିକା, ଲଡ୍ଡୁ, ଜିଲାପି ଆଦି ଭୋଗ ଲାଗି ହୋଇଥାଏ। ପହଣ୍ଡିଆ ସେବାୟତ ଓ ମନ୍ଦିର ବ୍ରାହ୍ମଣ ନିଯୋଗଙ୍କ ସହାୟତାରେ ଗତ ଛଅ ବର୍ଷ ହେଲା ଏହି ପରମ୍ପରା ଚାଲିଆସୁଛି। ଲୋକଙ୍କ ସହଯୋଗ ମିଳିଲେ ଆଗାମୀ ଦିନରେ ଅଧିକ ଭୋଗ ହୋଇ ପାରିବ। ଏହା ହେଉଛି ଏହି ମନ୍ଦିରର ବହୁ ପୁରାତନ ପରମ୍ପରା । ଦୀର୍ଘ ବର୍ଷ ବନ୍ଦ ରହିବା ପରେ ଗତ ଛଅ ବର୍ଷ ହେଲା ପୁଣି ଚାଲି ଆସୁଛି। ସିଦ୍ଧ ଜଗନ୍ନାଥଙ୍କ ନବ କଳେବର ସମୟରୁ ଏହା ଚାଲି ଆସୁଛି ବୋଲି ବରିଷ୍ଠ ସେବାୟତ ନବ କିଶୋର ସାହୁ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୦/୨୦୧୯ Balasore, Tuesday, December 10/2019

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ସାଙ୍ଗଙ୍କ ଜୀବନ ଗଲା

**ବାରିପଦା ଅଫିସ,୯।୧୨:** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଜ୍ୟୋତିପୁର ନିକଟରେ ସୋମବାର ଭୋରୁ ଦୁର୍ଘଟଣା ଘଟି ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସଦର ଥାନା ଇଟାମୁଣ୍ଡିଆ ଗ୍ରାମର ଗୌତମ ମହାନ୍ତ(୨୨) ଓ ଅଜିତ ମହାନ୍ତ(୨୨)।

ସୂଚନା ଅନୁଯାୟୀ, ଗୌତମ ଓ ଅଜିତ ବେତନଟୀ ଥାନା ହାତୀକୋଟ ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗଦେଇ ବାଇକରେ ଫେରୁଥିଲେ। ସୋମବାର ଭୋରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ମା’ ଝିଅଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

**ତିହିଡ଼ି,୯।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଦୌଲତପୁର ପଞ୍ଚାୟତ ଅର୍ଜୁନବିନ୍ଧା ଗ୍ରାମର କନକଲତା ବେହେରା ଓ ତାଙ୍କ ଝିଅ ପୁଷ୍ପାଞ୍ଜଳିଙ୍କୁ ଜମିଜମା ବିବାଦକୁ କେନ୍ଦ୍ରକରି ରବିବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ହୋଇଥିବା ମା’ ଝିଅ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୫୨୪/୧୯) ରୁଜୁ କରି ଗ୍ରାମର ନିର୍ଲିପ୍ତ ବେହେରାଙ୍କୁ ଗିରଫ କରିଛି। ପୁଷ୍ପାଞ୍ଜଳି ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଓ ତାଙ୍କ ମା’ ରାତିରେ ଭଦ୍ରକରୁ ଫେରିବା ପରେ ତାଙ୍କ ଘରେ କେହି ତାଲା ପକାଇ ଦେଇଥିବା ଦେଖିଥିଲେ। ସେମାନେ ଏହାର ପ୍ରତିବାଦ କରିବାରୁ ନିର୍ଲିପ୍ତଙ୍କ ସମେତ ୭ଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଜମିଜମାକୁ ବିବାଦକୁ ନେଇ ସେମାନଙ୍କୁ ଆକ୍ରମଣ କରାଯାଇଛି।

# ରାଇବଣିଆକୁ ପଶିଲେ ଶତାଧିକ ହାତୀ

- ଆମ୍ବତୁଥା ଗ୍ରାମବାସୀଙ୍କୁ ସ୍ଥାନାନ୍ତର କଲା ବନବିଭାଗ
- ୮ ପଞ୍ଚାୟତବାସୀଙ୍କ ଆଖିରୁ ହଜିଛି ନିଦ
- ଘଉଡାଇବା କାର୍ଯ୍ୟରେ ବନକର୍ମଚାରୀ ନିୟୋଜିତ

**ଜଳେଶ୍ୱର,୯।୧୨(ସ୍ୱ.ପ୍ର.)**

ମୟୂରଭଞ୍ଜ ସୀମା ପାର ହୋଇ ସୋମବାର ବାଲେଶ୍ୱର ଜିଲା ରାଇବଣିଆକୁ ଶତାଧିକ ଝାଡଖଣ୍ଡ ହାତୀ ପଶି ଆସିଛନ୍ତି। ଜମିରେ ପାଚିଲା ଧାନ ଖାଇବାକୁ ହାତୀପଲ ଗାଁ ମୁହାଁ ହେଉଥିବାରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି। ହାତୀପଲ କଳମା ଓ ବରଡିହା ପଞ୍ଚାୟତ ଜଙ୍ଗଲକୁ ପଶି ଆସିବାରୁ ବାଲେଶ୍ୱର ବନ ବିଭାଗ କର୍ମଚାରୀ ଆମ୍ବତୁଥା ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି। ହାତୀପଲ ଘୁଡାଇବାକୁ ବନକର୍ମଚାରୀ ଉଦ୍ୟମ କରୁଥିଲେ ମଧ୍ୟ ସେମାନେ ଚାଷଜମିରେ ପଶି ଫସଲ ଉଜାଡିବା ସହ ଘରଦ୍ୱାର ନଷ୍ଟ କରୁଥିବା ସୂଚନା ମିଳିଛି।

ରବିବାର ବିଳମ୍ବିତ ରାତିରେ ଏହି ହାତୀପଲ ମୟୂରଭଞ୍ଜର ମୁରୁଡ଼ା ଓ ରାସଗୋବିନ୍ଦପୁର ଅଞ୍ଚଳରୁ ଆସି ଅମର୍ଦ୍ଦା, ହରିଣାଶୋଳ ଓ ଦୁଆରଶୁଣୀ ଜଙ୍ଗଲରେ ପହଞ୍ଚିଥିଲେ। ପରେ ସେମାନେ ଗୋକୁଣ୍ଡି ଓ କାକବନ୍ଧ ସଡ଼କ ପଥରେ ଆସି ରାଇବଣିଆ ଅଞ୍ଚଳକୁ ପ୍ରବେଶ କରିଥିଲେ। ସୋମବାର ସନ୍ଧ୍ୟାରେ ସେମାନେ ଗୋକୁଣ୍ଡି, କାକବନ୍ଧ ରାସ୍ତା ଉପରେ ରହିଥିଲେ। ଏଭଳି ସ୍ଥିତି ଦେଖି ଜଳେଶ୍ୱର ରେଞ୍ଜର ବନକର୍ମଚାରୀ ଓ ହାତୀ ସୁରକ୍ଷା


ରାଇବଣିଆକୁ ପଶି ଆସିଥିବା ହାତୀପଲ।

ବାହିନୀ ସେମାନଙ୍କୁ ଜନପଦ ଇଲାକାରୁ ଜଙ୍ଗଲକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏହି ଉଦ୍ୟମ କେତେକାଂଶରେ ସଫଳ ହୋଇଥିଲେ ମଧ୍ୟ ବାସ୍ତବ ସ୍ଥିତି ଜଟିଳ ରହିଛି। କଳମା ଓ ବରଡ଼ିହା ପଞ୍ଚାୟତ ନିକଟ ଜଙ୍ଗଲରେ ହାତୀଙ୍କ ଉପସ୍ଥିତି ଲୋକଙ୍କ ମନରେ ଭୀତି ସୃଷ୍ଟି କରିଛି। ଏହି ୨ ପଞ୍ଚାୟତ ସହିତ ଖୁଆଡ଼, ରାଇବଣିଆ, କାଳିକ, ଶ୍ୟାମନଗର, ଓଲମରା ଓ ସର୍ଦ୍ଦାରବନ୍ଧ ପଞ୍ଚାୟତବାସୀଙ୍କ ଆଖିରୁ ନିଦ ହଜିଛି। ବିଭିନ୍ନ ସମୟରେ ଏହି ପଞ୍ଚାୟତ ଦେଇ ହାତୀପଲ ଯାତାୟାତ କରି ଆସୁଛନ୍ତି। ଗତ ମାର୍ଚ୍ଚ ମାସରୁ ଅଦ୍ୟାବଧି ଏହି ରାସ୍ତାରେ ହାତୀପଲ ଯିବା ଆସିବା କରିବା ବେଳେ ପ୍ରାୟ ୩୦ଟି ଘର ଭାଙ୍ଗିଛନ୍ତି। ଜଣେ ବ୍ୟକ୍ତିଙ୍କର ଜୀବନ ଯାଇଛି। କାକବନ୍ଧ ଗ୍ରାମକୁ ହାତୀମାନେ ବାରମ୍ବାର ଚାଲି ଆସୁଥିବାରୁ ବନ ବିଭାଗ ଏହି ଗ୍ରାମବାସୀଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛି।

ବର୍ତ୍ତମାନ ବିଲରେ ପାଚିଲାଧାନ ଥିବାବେଳେ ପ୍ରତ୍ୟେକଙ୍କ ଖଳାରେ ଧାନଗଦା ରହିଛି। ହାତୀପଲ ଧାନ ଖାଇବାକୁ ଜଙ୍ଗଲ ତଳି ଇଲାକାକୁ ମାଡି ଆସି ବ୍ୟାପକ କ୍ଷତି ଘଟାଉଛନ୍ତି। ଏହି ଅଞ୍ଚଳରେ ଥିବା ଆଦିବାସୀ ସାହିରେ ପର୍ବପର୍ବାଣି ଲାଗି ହାଣ୍ଡିଆ ପ୍ରସ୍ତୁତ କରାଯାଉଥିବାରୁ ଏହାର ବାସ୍ନା ସେମାନଙ୍କୁ ଆକୃଷ୍ଟ କରୁଛି। ଉଲ୍ଲେଖନୀୟ ଯେ, ଚିରାଚରିତ ଚଲାପଥ ଦେଇ ରାଇବଣିଆକୁ ବିଭିନ୍ନ ସମୟରେ ଝାଡଖଣ୍ଡ ହାପଲ ଆସି ଆତଙ୍କ ଖେଳାଉଥିବାରୁ ଜଙ୍ଗଲ ତଳି ଇଲାକାରେ ୮ଟି ପଞ୍ଚାୟତ ବିଶେଷ କ୍ଷତିଗ୍ରସ୍ତ ହେଉଛି। ଜଳେଶ୍ୱର ରେଞ୍ଜ ଅଫିସର ଦେବେନ୍ଦ୍ର ପାତ୍ର, ତପନ ସିଂ, ଅଞ୍ଜନ ଦାସ, ମନୋହର ସିଂ ପ୍ରମୁଖ ସବୁଜ ବାହିନୀ ସହ ସୋମବାର ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ହାତୀ ସୁରକ୍ଷା ବାହିନୀ ମୁଖ୍ୟ ଅଶ୍ୱିନୀ ଦାସଙ୍କ ତତ୍ତ୍ୱାବଧାନରେ ବନ କର୍ମଚାରୀ ଦଳଦଳ ହୋଇ ବିଭିନ୍ନ ସ୍ଥାନକୁ ଜଗି ରହିଥିଲେ। ସେପଟେ ମୟୂରଭଞ୍ଜ ଜିଲା ବାରିପଦା ଡିଏଫଓ ଅଧୀନ ରାସଗୋବିନ୍ଦପୁର ଓ ମୁରୁଡା ରେଞ୍ଜ କର୍ମଚାରୀମାନେ ମଧ୍ୟ ହାତୀପଲକୁ ଜଗି ରହିଛନ୍ତି। ଏସବୁ ହାତୀଙ୍କୁ ପଶ୍ଚିମବଙ୍ଗମୁହାଁ କରିବା ଲାଗି କର୍ମଚାରୀମାନେ ଚେଷ୍ଟା ଚଳାଇଥିବା କହିଛନ୍ତି।

# ସ୍ୱାସ୍ଥ୍ୟସେବାରେ ଅବହେଳା ନ କରିବାକୁ ତାଗିଦ

**ରୂପ୍‌ସା, ୯।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ସୋମବାର ସନ୍ଧ୍ୟାରେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ମେଡ଼ିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର, ଆୟୁଷ ମେଡ଼ିକାଲ ଅଫିସର ଡା. ଅସୀତ୍ କୁମାର ପ୍ରଧାନ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଏସ.ଏସ ଗୋସ୍ୱାମୀ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ, ପ୍ରସୂତୀ ବିଶେଷଜ୍ଞ ଓ ଶିଶୁ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନିମନ୍ତେ ଦାବି ହୋଇଥିଲା। ଆୟୁଷ ମେଡ଼ିକାଲକୁ ଆବଶ୍ୟକ ହୋମିଓପାଥି ମେଡିସିନ ମିଳୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଡାକ୍ତର, ଫାର୍ମାସିଷ୍ଟ, ଟେକ୍ନିସିଆନ ଓ କ୍ଷେତ୍ରାଧିକାରୀମାନେ କୌଣସି ପରିସ୍ଥିତିରେ କର୍ତ୍ତବ୍ୟରେ ଅବହେଳା ନ କରିବାକୁ ତାଗିଦ୍ କରିଥିଲେ। ନିରବିଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଚାଳନା ପାଇଁ ମେଡ଼ିକାଲ ଅଫିସରଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ପରିଦର୍ଶନ ବେଳେ ମିଡ଼ିଆ ସଂଯୋଜକ ଗୌରାଙ୍ଗ ଦାସ, କୌଶିକ ଚାନ୍ଦ, ରୋଗୀ କଲ୍ୟାଣ ସମିତିର ସଭ୍ୟ ଶ୍ରୀଧର ବେହେରା, ତପନ ଗିରି, ଅନ୍ତର୍ଯ୍ୟାମୀ ବେହେରା, ଲୁଲୁ ନାୟକ, ରଶ୍ମିରଞ୍ଜନ ଜେନାଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବାଲେଶ୍ୱର ସବ୍‌ରେଜିଷ୍ଟ୍ରି ଅଫିସରେ ନିଆଁ

**ବାଲେଶ୍ୱର ଅଫିସ, ୯।୧୨**

ବାଲେଶ୍ୱର ସବ୍‌ରେଜିଷ୍ଟ୍ରି ଅଫିସରେ ସୋମବାର ରାତି ପ୍ରାୟ ୯ଟା ୪୫ ମିନିଟ୍‌ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଦୁଇ ଦମକଳବାହିନୀ ଆସି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡିଯାଇଥିବା ଅନୁମାନ କରାଯାଉଛି।

## ଯୁବକଙ୍କ ଆତ୍ମହତ୍ୟା

**ସୋର, ୯।୧୨(ଡି.ଏନ.ଏ.):** ସୋର ଥାନା ଅଧୀନ କେଶପୁର ଗ୍ରାମର ସୁରେଶ ମହାରଣା(୪୫) ନାମକ ଯୁବକ ଘରୋଇ କଳହରୁ ମାନସିକ ଭାରସାମ୍ୟ ହରାଇ ସୋମବାର ଅପରାହ୍ନରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଡାହାଣୀ ସନ୍ଦେହରେ ମହିଳାଙ୍କୁ ଗୁଳିକରି ହତ୍ୟା ଉଦ୍ୟମ ଘଟଣା

# ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ




ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

**ବିଶୋଇ,୯।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଞ୍ଚଳରେ ଶନିବାର ରାତିରେ ଗୁଳିକରି ମହିଳାଙ୍କୁ ହତ୍ୟା ଉଦ୍ୟମ ଘଟଣାର ପର୍ଦ୍ଦାଫାଶ ହୋଇଛି। ଭଜଣା ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଡାହାଣୀ ସନ୍ଦେହରେ ଅଭିଯୁକ୍ତ ଏହିପରି ଜଘନ୍ୟ କାଣ୍ଡ ଘଟାଇଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତ ହେଲେ ଭାତଛତ୍ର ପଞ୍ଚାୟତ ଅଧୀନ ବବେଇଜୋଡ଼ା ଗ୍ରାମର ରୂପେୟୀ ହାଁସଦା (୪୦)।

ପୋଲିସ ସୂଚନା ଅନୁଯାୟୀ, ଗତ ବର୍ଷକ ତଳେ ରୂପେୟୀଙ୍କ ଭଣଜାର କୌଣସି କାରଣ ଯୋଗୁ ମୃତ୍ୟୁ ଘଟିଥିଲା। ତେବେ ରୂପେୟୀ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଡାହାଣୀ ତଥା ଗୁଣିଗାରେଡି ଯୋଗୁ ଭଣଜାର ମୃତ୍ୟୁ ହୋଇଥିବା ଭାବି ତଳକବାଦୀ ଗ୍ରାମର ମାଇନ ହେମ୍ବ୍ରମ(୪୨)ଙ୍କୁ ଦାୟୀକରି ବାରମ୍ବାର ଧମକ ଦେଉଥିଲେ। ମାଇନଙ୍କୁ ହତ୍ୟା କରି ସେ ଭଣଜା ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ସୁଯୋଗ ଖୋଜୁଥିଲେ। ଗତ ଶନିବାର ରାତି ପ୍ରାୟ ୧୧ ଘଟିକା ସମୟରେ ଚାଳଛପର ଘରେ ମାଇନଙ୍କ ସମେତ ତାଙ୍କ ସ୍ୱାମୀ ଗୋବିନ୍ଦ ଓ ଝିଅ ଦୁଃଖିନୀ ଶୋଇଥିଲେ। ଏହି ସମୟରେ ରୂପେୟୀ ତାଙ୍କ ଘର ଉପରେ ଚଢି ଏକ ଦେଶୀ ବନ୍ଧୁକରୁ ମାଇନଙ୍କ ଉପରକୁ ୧ ରାଉଣ୍ଡ ଗୁଳି ଚଳାଇ ଥିଲେ। ଗୁଳିଟି ମାଇନଙ୍କ ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରୁ ରୂପେୟୀ ଚମ୍ପଟ ମାରିଥିଲେ। ପରିବାର ଲୋକେ ମାଇନଙ୍କୁ ପ୍ରଥମେ ମଣଦା ଓ ପରେ ବିଶୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବାରପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାଇନଙ୍କ ଝିଅ ଦୁଃଖିନୀଙ୍କ ଅଭିଯୋଗକୁ ଭିତ୍ତିକରି ବିଶୋଇ ଥାନା ଅଧିକାରିଣୀ କୁନି ବେସ୍ରାଙ୍କ ନେତୃତ୍ୱରେ ପୋଲିସ ଓ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ। ରବିବାର ରାତି ସାଢେ ୯ଟା ସମୟରେ ମୋବାଇଲ ଟ୍ରାକିଂ ଦ୍ୱାରା ପୋଲିସ ଅଭିଯୁକ୍ତ ରୂପେୟୀଙ୍କୁ ସ୍ଥାନୀୟ ବାଙ୍କୀ ଛକରୁ ଗିରଫ କରିଥିଲା। ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ସହିତ ଘଟଣା ପରେ ବନ୍ଧୁକଟିକୁ ନିଜ ସମ୍ପର୍କୀୟ କକାଙ୍କ ଘର ବାଡ଼ି ପଛ ପଟେ ଲୁଚାଇଥିବା କହିଥିଲେ। ସୋମବାର ପୋଲିସ ଘଟଣାସ୍ଥଳକୁ ଯାଇ ଉକ୍ତ ବନ୍ଧୁକ ସହିତ ଗୋଟିଏ ଅଫୁଟା ଗୁଳି ଜବତ କରିଛି। ଘଟଣାସ୍ଥଳରେ ଅଭିଯୁକ୍ତ ପିନ୍ଧିଥିବା ଏକ ଜ୍ୟାକେଟ ଛାଡି ଯାଇଥିବାରୁ ପୋଲିସ ତାହାକୁ ମଧ୍ୟ ଜବତ କରିଛି। ତେବେ ବନ୍ଧୁକଟି ଗତ ୧୦ ବର୍ଷ ତଳେ ଜାମଦା ଓ ଗୁଳି ୨ ବର୍ଷ ପୂର୍ବେ ଜାମସେଦପୁର ଅଞ୍ଚଳରୁ ଆଣିଥିବା ଅଭିଯୁକ୍ତ ସ୍ୱୀକାର କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୯୮/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

**ଭଣଜା ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ହୋଇଥିଲା ଗୁଳିକାଣ୍ଡ**

ଔପଦା ଚାଷୀ ଆତ୍ମହତ୍ୟା ଘଟଣା

# ତଦନ୍ତ କଲେ ତହସିଲଦାର

**ଔପଦା, ୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକର ବଡ଼ପୋଖରୀ ପଞ୍ଚାୟତ ବଡ଼ପୋଖରୀ ଗ୍ରାମର ଚାଷୀ ପ୍ରଦୀପ ପାତ୍ର (୩୯) ଋଣ ଭାର ସହି ନ ପାରି ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। କଟକ ବଡ଼ଡାକ୍ତରଖାନାରେ ଗତ ୮ ତାରିଖ ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସଦସ୍ୟ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ପାଇଁ ଔପଦା ତହସିଲଦାର ସୋମବାର ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ମୃତ ପାତ୍ରଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଏ ବିଷୟରେ ଔପଦା ତହସିଲଦାର ତଥା ବିଡ଼ିଓ ପିତାମ୍ବର ଭୋଇଙ୍କ ସହ ଯୋଗାଯୋଗ କରିବାରୁ ସେ ତଦନ୍ତ ପ୍ରକ୍ରିୟା ଚାଲିଛି। ସତ୍ୟାସତ୍ୟ ଜଣାପଡ଼ିବା ପରେ ସରକାରୀ ସହାୟତା ପାଇଁ ସୁପାରିସ୍ କରାଯିବ ବୋଲି କହିଛନ୍ତି। ଏହାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହେଉଥିବା ବିଷୟ ଅନୁଭୂତ ହେଉଛି।

# ଭାଇବୋହୂଙ୍କୁ ବଳାତ୍କାର ଅଭିଯୋଗ

**ସୋର, ୯।୧୨(ଡି.ଏନ.ଏ.)**

ସୋର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ଦେଢ଼ଶୁର ବଳାତ୍କାର କରିଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ସହ ରହୁଥିଲେ। ସେହି ଅଞ୍ଚଳରେ ତାଙ୍କ ବଡଭାଇ ମଧ୍ୟ ଅନ୍ୟତ୍ର ଭଡା ଘରେ ରହୁଥିଲେ। ଗତ ମାସ ୨୮ତାରିଖରେ ମହିଳାଙ୍କ ସ୍ୱାମୀ କାମରେ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦେଢ଼ଶୁର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ.୬୨୪/୧୯) ରୁଜୁ କରି ସୋର ଡାକ୍ତରଖାନାରେ ପୀଡିତାଙ୍କ ଡାକ୍ତରୀମାଇନା କରାଇ ଘଟଣାର ତଦନ୍ତ କରୁଛି। ଅପରପକ୍ଷେ ପୀଡିତାଙ୍କ ବଡ ଜା’ ଅସୌଜନ୍ୟ ପ୍ରଦର୍ଶନ ନେଇ ଦିଅରଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ